Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୧୫
Volum. - 22 ■ Issue No.- 15
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 | ୨୭ ଫେବୃୟାରୀ - ୦୫ ମାର୍ଚ୍ଚ ୨୦୨୨ | 27 Feb. - 05 Mar. 2022 | Odia Weekly | 8 Pages | Rs.2/- only

## ଚତୁର୍ଥ ଦିନରେ ଯୁଦ୍ଧ : ରୁଷ ଓ ୟୁକ୍ରେନ୍ ମଧ୍ୟରେ ଘମାଘୋଟ ଲଢ଼େଇ, ରୁଷ୍ ରଚୁଛି ଧ୍ୱଂସର ତାଣ୍ଡବ ଲୀଳା

ନୂଆଦିଲ୍ଲୀ : ଆଜି ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚତୁର୍ଥ ଦିନରେ ପହଂଚିଛି । ଘମାଘୋଟ ଲଢେଇ ଭିତରେ ୟୁକ୍ରେନ ରାଜଧାନୀ କିଭ୍‌କୁ ଅକ୍ତିଆର କରିବା ଭଳି ରୁଷର ସ୍ୱପ୍ନ ଘୁଂଚି ଘୁଂଚି ଯାଉଛି । ଏବେ ଆମ୍ ୟୁକ୍ରେନ୍ ନାଗରିକ ଯୁଦ୍ଧ ମଇଦାନ୍‌ରେ । କିଭ୍‌ରେ ଚାଲିଛି ଜବରଦସ୍ତ ବୋମା ଓ ରକେଟ୍ ମାଡ଼ । ମିସାଇଲ୍ ମାଡ଼ରେ ଥରୁଛି ୟୁକ୍ରେନ୍ । ଜନଜୀବନ ସଂପୂର୍ଣ୍ଣ ଛାରଖାର ହୋଇ ପଡ଼ିଥିବା ବେଳେ ତଥାପି ମୁଣ୍ଡ ନୁଏଁଇବାକୁ ନାରାଜ ୟୁକ୍ରେନ୍ । ନିଜ ଦେଶକୁ ବଂଚାଇବା ପାଇଁ ଅଂଟା ଭିଡ଼ିଛନ୍ତି ୟୁକ୍ରେନ୍ ସରକାର ସମେତ ୟୁକ୍ରେନ୍‌ବାସୀ । ଅନ୍ୟପଟେ ରୁଷର ମିସାଇଲ୍ ମାଡ଼ରେ ତେଲ ଡିପୋ ହୁ ହୁ ହୋଇ ଜଳୁଥିବା ବେଳେ ଗ୍ୟାସ୍ ଲାଇନ୍ ଉପରେ ଏବେ ପ୍ରହାର କରୁଛି ରୁଷ୍ । ରୁଷର ଏଭଳି ନୃଶଂଶ ଆକ୍ରମଣକୁ ସାରା ବିଶ୍ୱରେ ବହୁ ସଂଖ୍ୟକ ଦେଶ ନିନ୍ଦା କରୁଥିଲେ ମଧ୍ୟ ଖାତିର୍ କରୁନାହାନ୍ତି ରୁଷ ରାଷ୍ଟ୍ରପତି



ପୁଟିନ୍ । ଧୀରେ ଧୀରେ ୟୁକ୍ରେନ୍‌କୁ ମିତ୍ର ରାଷ୍ଟ୍ରଗୁଡ଼ିକ ପକ୍ଷରୁ ସହଯୋଗ ମିଳିବା ଆରମ୍ଭ ହୋଇଯାଇଛି । ୟୁକ୍ରେନ୍ ଦାବୀ କରୁଛି ଯେ, ରୁଷର ୩ ହଜାରରୁ ଅଧିକ ସଂଖ୍ୟକ ସୈନ୍ୟ ଯୁଦ୍ଧରେ ପ୍ରାଣ ହରାଇ ସାରିଥିବା ବେଳେ ୩ ଶହରୁ ଅଧିକ ରୁଷ ଟ୍ୟାଙ୍କରକୁ ଧ୍ୱଂସ କରିବାରେ ସଫଳତା ହାସଲ୍ କରିଛି ୟୁକ୍ରେନ୍ । ସାରା ୟୁକ୍ରେନ୍ ଏବେ ହୁ ହୁ ହୋଇ ଜଳୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି । କିନ୍ତୁ ତଥାପି ୟୁକ୍ରେନ୍‌ବାସୀ ନିଜ ଦେଶକୁ ରୁଷ ହାତରେ ଟେକି ଦେବା ପାଇଁ ପ୍ରସ୍ତୁତ ନୁହନ୍ତି । ଘମାଘୋଟ ଯୁଦ୍ଧ ଜାରି ରହିଛି । ରୁଷ୍ ଆହୁରି ଭୟଙ୍କର ଆକ୍ରମଣ ଜାରି ରଖିଛି । ଗତକାଲି ରାତି ସାରା ପ୍ରବଳ ବୋମା ଓ ରକେଟ୍ ମାଡ଼ରେ କିଭ୍ ଥରି ଉଠିଥିବା ବେଳେ ଆଜି ଦିନ ସାରା ମଧ୍ୟ ଏଭଳି ଭୟାବହ ସ୍ଥିତି ଦେଖିବାକୁ ମିଳିଛି । କିଭ୍‌ରେ ଏବେ ସରକାରଙ୍କ ପକ୍ଷରୁ କର୍ଫ୍ୟୁ ଲାଗୁ ହୋଇଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଛି ।

## ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୬ତମ ଜୟନ୍ତୀ ସମାରୋହ

### ଆଧ୍ୟାତ୍ମିକତା ହିଁ ଭ୍ରମିତ ମନକୁ ଶାନ୍ତ କରେ



ବଲାଙ୍ଗିର, (ନିପ୍ର) : ବିପ୍ଳବୀ କବି ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୬ତମ ଜୟନ୍ତୀ ସମାରୋହ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସାମ୍ପ୍ରତିକ ସମାଜ, ମାନସିକ ସ୍ଥିତି ଓ ଆଧ୍ୟାତ୍ମିକତା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅତିଥି ଆଲୋଚକ ଭାବେ ବିଶ୍ୱାମ୍ ଚେତନା ପରିଷଦର ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଓ ଶ୍ରୀ ତପୋବନ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ଯୋଗଦାନ କରିଥିଲେ । ସଭାରେ ସ୍ୱର୍ଗତ ପାଣ୍ଡିଆଙ୍କ ଦୁଇପୁତ୍ର ଶିକ୍ଷାବିତ୍ ସୁଶୀଳ କୁମାର ପାଣ୍ଡିଆ ଓ ପ୍ରଫେସର ରବିଶଙ୍କର ପାଣ୍ଡିଆ ମଂସାସୀନ ହୋଇଥିଲେ । ଆଲୋଚକ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ କହିଥିଲେ ଯେ, ସାମ୍ପ୍ରତିକ ସମାଜ ଏକ ଭ୍ରମିତ ସମାଜ ଅଟେ । ଅର୍ଥ, କାମ ଓ ଅଧିକାର ପଛରେ ସମସ୍ତେ ଦୌଡ଼ୁଛନ୍ତି । ଦୁଇଟି ଅହଙ୍କାରୀ ବ୍ୟକ୍ତିଙ୍କ ଅହଙ୍କାରକୁ ନେଇ ଆଜି ଯୁଦ୍ଧ ସୃଷ୍ଟି ହେଉଛି ଓ ସାଧାରଣ ଜନତା ଏହାର କୁପରିଣତି ଭୋଗ କରୁଛନ୍ତି । ଏହା ହେଉଛି ଭ୍ରମିତ ମନର ପରିଚାୟକ । ଏଭଳି ଭ୍ରମରୁ ମୁକୁଳିବାର ଏକମାତ୍ର ରାସ୍ତା ହେଉଛି ଆଧ୍ୟାତ୍ମିକତା ବୋଲି ସେ କହିଥିଲେ । ଅନ୍ୟତମ ଆଲୋଚକ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ କହିଥିଲେ ଯେ, ଏକ ସନ୍ତୁଳିତ ସମାଜ ନିର୍ମାଣ ପାଇଁ ଶିକ୍ଷା ସଂସ୍କାର, ସାମାଜିକ ସଚେତନତା, ସାଂସ୍କୃତିକ ବିକାଶ, ବିଜ୍ଞାନର ଉନ୍ନତି ଆବଶ୍ୟକ । ଏସବୁ ଆବଶ୍ୟକତା ଭିତରେ ମଣିଷ ନିଜକୁ ଚିହ୍ନିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମନ ଓ ଆତ୍ମାର ଶୁଦ୍ଧତା ପାଇଁ ଯୋଗ ପ୍ରକ୍ରିୟା ସବୁଠୁ ଶ୍ରେୟସ୍କର ବୋଲି ମଧ୍ୟ ସେ କହିଥିଲେ । ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ ସ୍ୱର୍ଗତ ପାଣ୍ଡିଆଙ୍କ ସାଲିସବିହୀନ ଜୀବନ ଓ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱର ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ବ୍ୟକ୍ତିତ୍ୱ ଅତି ନିର୍ଭିକ ଓ ସମାଜ ଅଭିମୁଖୀ ରହିଥିବା ବେଳେ ତାଙ୍କ ଦ୍ୱାରା ଜନସାଧାରଣର ବହୁଳାଂଶରେ ଲାଭାନ୍ୱିତ ହୋଇଥିବା ବିଷୟରେ ନାଟ୍ୟଭୂଷଣ ଶ୍ରୀ ଛୁରିଆ ଆଲୋଚନା କରି ବଲାଙ୍ଗିର ଜିଲ୍ଲାରେ 'ରୁଦ୍ର ଆହ୍ୱାନ' ଭଳି ଏକ ସମ୍ବାଦପତ୍ର ପ୍ରକାଶ କରି ବଲାଙ୍ଗିର ପାଇଁ ଆଲୋକର ରାହା ପ୍ରଦାନ କରିଥିଲେ ସ୍ୱର୍ଗତ ପାଣ୍ଡିଆ ବୋଲି ସେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ । ସାମ୍ବାଦିକ ଗୌରବ ସ୍ୱର୍ଗତ ଶିବ ପ୍ରସାଦ ପାଣ୍ଡିଆଙ୍କ ଭଳି ଜଣେ ନିର୍ଭିକ ଓ ନିରପେକ୍ଷ ସାମ୍ବାଦିକ ବଲାଙ୍ଗିର ମାଟିର ଗର୍ବ ଓ ଗୌରବ ବୋଲି ସମସ୍ତ ଅତିଥିମାନେ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ମତ ଦେଇଥିଲେ । ସଭାକୁ ବୀରେନ୍ଦ୍ର କୁମାର ଝାଙ୍କର ଉଚିତ୍ ମାର୍ଗରେ ସଂଯୋଜନା କରିଥିଲେ । ସଭା ଆୟୋଜକ ସ୍ମୃତି କମିଟି ସଦସ୍ୟ ସନ୍ଦୀପ କୁମାର କୁଅଁର ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ବଲାଙ୍ଗିର ଜିଲ୍ଲାରେ ୧ ଲକ୍ଷ ୪୬ ହଜାର ୮୧୧ ଜଣ ଶିଶୁଙ୍କୁ ପଲସ୍ ପୋଲିଓ ବୁନ୍ଦା ପ୍ରଦାନ କରାଯିବ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷର ଜାତୀୟ ପଲସ୍ ପୋଲିଓ ଅଭିଯାନ ଜରିଆରେ ୫ ବର୍ଷରୁ କମ୍ ୧ ଲକ୍ଷ ୪୬ ହଜାର ୮୧୧ ଜଣ ଶିଶୁଙ୍କୁ ପଲସ୍ ପୋଲିଓ ବୁନ୍ଦା ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି । ବଲାଙ୍ଗିର ସହର ଶାନ୍ତୀନଗର ସ୍ଥିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଜିଲ୍ଲାପାଳ ଚଂଚଳ ରାଣା ଶିଶୁ ମାନଙ୍କୁ ପଲସ୍ ପୋଲିଓ ବୁନ୍ଦା ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଖୋଲାଯାଇଥିବା ୧୪୧୦ ଗୋଟି ପଲସ୍ ପୋଲିଓ କେନ୍ଦ୍ରରେ ୫ ବର୍ଷରୁ କମ୍ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ ଏବଂ ପୋଲିଓ ବୁନ୍ଦା ନେଇପାରିନଥିବା ବଳକା ଶିଶୁ ମାନଙ୍କୁ ୨୮ ଓ ୧ ତାରିଖ ଦିନ ଘରକୁ ଘର ଯାଇ ପୋଲିଓ ବୁନ୍ଦା ପ୍ରଦାନ କରାଯିବ । ଏଥି ସକାଶେ ଅଙ୍ଗନବାଡ଼ି, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିୟୋଜିତ କରାଯାଇଛି । ଏତଦ୍‌ବ୍ୟତୀତ ୧୦ ଗୋଟି ମୋବାଇଲ ୟୁନିଟ୍‌କୁ ମଧ୍ୟ ନିୟୋଜିତ କରାଯାଇଛି । ଅନୁଷ୍ଠିତ ପଲସ୍ ପୋଲିଓ ବୁନ୍ଦା ପ୍ରଦାନ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅବସରରେ ଶାନ୍ତୀନଗର ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ନିର୍ମାଣ ହୋଇଥିବା ଏକ ଛୋଟ ଶିଶୁ ଉଦ୍ୟାନକୁ ଜିଲ୍ଲାପାଳ ଚଂଚଳ ରାଣା ଉଦ୍‌ଘାଟନ କରିଥିଲେ ।

## ୟୁକ୍ରେନ ଉପରେ ସାମ୍ରାଜ୍ୟବାଦୀ ରୁଷିଆର ଆକ୍ରମଣକୁ ନେଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ (ସି)ର ବିକ୍ଷୋଭ ପ୍ରଦର୍ଶନ

ବଲାଙ୍ଗିର, (ନିପ୍ର) : ୟୁକ୍ରେନ ଉପରେ ସାମ୍ରାଜ୍ୟବାଦୀ ରୁଷିଆର ଆକ୍ରମଣର ପ୍ରତିବାଦରେ ଏସ୍‌ୟୁସିଆଇ(ସି) ବଲାଙ୍ଗିର ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ସାମ୍ରାଜ୍ୟବାଦୀ ରୁଷିଆ ଏବଂ ଆମେରିକା ବିଶ୍ୱ ବଜାରକୁ ଦଖଲ କରିବା ପାଇଁ ଏଭଳି ଘୃଣ୍ୟ ଯୁଦ୍ଧ ଭିଆଉଛନ୍ତି, ଯାହାଦ୍ୱାରା ଜନଗଣ ଯୁଦ୍ଧରେ ମୃତ୍ୟୁବରଣ କରିବା ସହ ବିଶ୍ୱ ମାଟି ରକ୍ତରଂଜିତ ହେଉଛି । ଏହାର ପ୍ରତିବାଦରେ ସମସ୍ତେ ଆଗେଇ ଆସିବାକୁ ଏସ୍‌ୟୁସିଆଇ(ସି) ବଲାଙ୍ଗିର ପକ୍ଷରୁ ନିବେଦନ କରାଯାଉଛି । ଏହି ପ୍ରତିବାଦ




ସଭାରେ ଜିଲ୍ଲା ସଂପାଦକ ସୁନିଲ ଭୋଇ, ରାଜେନ୍ଦ୍ର ରଣା ସହ ବହୁ ସଦସ୍ୟ ପ୍ରତିବାଦ ସଭାରେ ସାମିଲ ରହି ବିକ୍ଷୋଭ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ ।


## DECLARATION
See Rule - 8 (Form - IV)

| | | |
|---|---|---|
| 1. | Title of the Periodical | : **KOSHALA PRABAHA** |
| 2. | Place of Publication | : Anand Printers<br>Shantipara, Bolangir - 767002 (Odisha) |
| 3. | Periodicity of Publication | : Weekly |
| 4. | Editor's Name<br>Nationality<br>Address | : Ananda Chandra Sahu<br>: Indian<br>: Shantipara, Bolangir - 767002(Odisha) |
| 5. | Publisher's Name<br>Nationality<br>Address | : Ananda Chandra Sahu<br>: Indian<br>: Shantipara, Bolangir - 767002(Odisha) |
| 6. | Printer's Name<br>Nationality<br>Address | : Ananda Chandra Sahu<br>: Indian<br>: Anand Printers<br>Shantipara, Bolangir - 767002(Odisha) |

I, **Ananda Chandra Sahu** declare that the particulars given above are true to the best of my knowledge & belief.

Balangir

Sd/- Ananda Chandra Sahu
Publisher

# ସ୍ୱାଧୀନ – ମାନେ କେତେ ?

## ରବି କାନୁନ୍‌ଗୋ

**"India that is Bharat" (Art. 1)**



୨୦୧୬ର କଥା । ଦିଲ୍ଲୀ 'ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ' (ପିସିଆଇ) ହତାରେ ଅନୁମତି ସହ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର (ଜେଏନୟୁ) ଛାତ୍ରଛାତ୍ରୀ ଏକତ୍ରୀତ ହେଲେ । ମନେ ରଖିବା, 'ପ୍ରେସ୍' ନିଜକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଦାବି କରେ ଏବଂ କେତେକାଂଶରେ ସେ ମର୍ଯ୍ୟାଦା ବି ପାଏ ଏବଂ 'ଜେଏନୟୁ'ର ଛାତ୍ର ଓ ଅଧ୍ୟାପକମାନଙ୍କୁ ମଧ୍ୟ ପ୍ରଗତିବାଦୀ ଓ ଅତ୍ୟଧିକ 'ବୁଦ୍ଧିଜୀବୀ' ବୋଲି ଅନୁମାନ କରାଯାଏ ।

ସମବେତ ହେଲେ କ'ଣ ପାଇଁ ?

୨୦୦୩ ପାର୍ଲାମେଣ୍ଟ ଆତଙ୍କରେ ସଂପୃକ୍ତ ଅପରାଧୀ ଅଫଜଲ୍ ଗୁରୁ ଫାଶୀ ପାଇଲା ଫେବ୍ରୁଆରି ୯, ୨୦୧୩ ଦିନ । ଏହି ଦିନକୁ ସ୍ମରଣ କରିବାକୁ ଯାଇ ସେମାନେ ଭାରତ ଓ ତା' ସେନାବାହିନୀ ବିରୋଧୀ ସ୍ଲୋଗାନ୍ ଦେଇ ହତା କମ୍ପେଇ ଦେଲେ । ଅଫ୍‌ଜଲ୍‌ର ଫାଶୀକୁ କହିଲେ – 'ହତ୍ୟା'; ଦେଶର ଆଇନ ଓ ସମ୍ବିଧାନକୁ ସେମାନେ କେୟାର୍ କରନ୍ତିନି । କୋର୍ଟକୁ କହିଲେ – ଆତତାୟୀ । ଅଫ୍‌ଜଲ୍‌କୁ କହିଲେ ଶହିଦ୍ । 'କାଶ୍ମୀର୍ କୋ ଆଜାଦ୍ କରେଙ୍ଗେ, ଚାହେ ହିନ୍ଦୁସ୍ତାନ ବରବାଦ୍ ହୋ ଯାଏ । ପାକିସ୍ତାନ ଜିନ୍ଦାବାଦ' ଇତ୍ୟାଦି । ଏ ତାନ ସକାଳ ୯ଟାରୁ ଆରମ୍ଭ ହୋଇ ରାତି ୮ଟା ଯାଏ ଚାଲିଲା । ସେମାନେ ହାଲିଆ ହୋଇ ବାହୁଡ଼ି ଗଲେ । ତା'ପରେ ବନ୍ଦ ହେଲା ।

ସେଠାରୁ ଅନତି ଦୂର ଆର୍ମି ହସ୍‌ପିଟାଲରେ ବୀର ଲାନ୍ସ ନାୟକ ହନୁମନ୍ତା ଥାପ୍ପା ସିଆଚୀନରୁ ପାଇଥିବା ବଳକା ଜୀବନ ପାଇଁ ସଂଗ୍ରାମ କରୁଥିଲେ । କେବଳ ତାଙ୍କ ଜନ୍ମଭୂମି କର୍ଣ୍ଣାଟକ ନୁହେଁ, ସାରା ଭାରତ ତାଙ୍କ ଜୀବନ ପାଇଁ ଆକୁଳ ପ୍ରାର୍ଥନା କରୁଥିଲା ।

ହନୁମନ୍ତାପ୍ପା ଗୁରୁବାର ମଧ୍ୟାହ୍ନରେ ଶହିଦ୍ ହେଲେ ଓ ସେଇଦିନ 'ପିସିଆଇ' ପକ୍ଷରୁ ଗୋଟିଏ ଧାଡ଼ିକିଆ ବିବୃତି ଜାରି କରାଗଲା । ତାହା ପୁଣି କୁଆଡୁ କିଛି ନୁହେଁ ।

"'ପିସିଆଇ' ହତା ଭିତରେ ଦୁର୍ଜନମାନେ ଯେଉଁ କାଣ୍ଡ ଭିଆଇଲେ ଆମେ ତାହାକୁ ନିନ୍ଦା କରୁଛୁ ଓ ଯେଉଁମାନେ ଭଡ଼ା ନେଇଥିଲେ ତାଙ୍କ ବିରୁଦ୍ଧରେ ଆମେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ।" ସ୍ୱାକ୍ଷର – ନଦୀମ୍ ଅହମ୍ମଦ କାଜ୍‌ମୀ, ସେକ୍ରେଟାରୀ ଜେନେରାଲ୍, 'ପିସିଆଇ' ।

'ଦୃଢ଼ କାର୍ଯ୍ୟାନୁଷ୍ଠାନ' କ'ଣ ନିଆଗଲା ବା ସେପରି କ୍ଷମତା 'ପିସିଆଇ'ର କେତେ ଅଛି, ତାହା ମଧ୍ୟ ବ୍ୟକ୍ତ କରାଯାଇନି ।

ବିକ୍ଷୋଭକାରୀ ଛାତ୍ରଛାତ୍ରୀ ପାକିସ୍ତାନ ସନ୍ତ୍ରାସବାଦ ସପକ୍ଷରେ ଓ ଭାରତ ବିରୁଦ୍ଧରେ ମୁକ୍ତମଂଚରେ ଆହ୍ୱାନ ଦେବା 'ଦେଶଦ୍ରୋହ' ବୋଲି ବିଚାର କରାଯିବା ଥୟ । ମୋଦି ସରକାର ସେ ବିଷୟରେ ଷ୍ଟ୍ରିକ୍ଟ ହେବ ବୋଲି ବିଶ୍ୱାସ ରହିଛି ।

ଯାହାହେଉ, ଶୁକ୍ରବାର ସନ୍ଧ୍ୟାରେ ପୁଲିସ ଦିଲ୍ଲୀ ପୁଲିସ ଜେଏନୟୁ ଷ୍ଟୁଡେଣ୍ଟସ୍ ୟୁନିଅନର ସଭାପତି କହ୍ନେୟା କୁମାରଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କଲା ।

ଦେଶ ଓ ରାଜ୍ୟଗୁଡ଼ିକରେ ସନ୍ତ୍ରାସ-ଦମନ ଆଇନରେ ଏହାଠୁ ଛୋଟଛୋଟ ସଂପୃକ୍ତିକୁ ମଧ୍ୟ ମାଫ୍ କରାଯାଏନି । ପରେ ସୁପ୍ରିମକୋର୍ଟରୁ ରିହାତି ପାଆନ୍ତୁ ପଛେ, ୨୦୦୭ରେ ଛତିଶଗଡ଼ ଡକ୍ଟର ବିନାୟକ ସେନଙ୍କୁ ଯାବତ୍‌ଜୀବନ କାରାଦଣ୍ଡ ଦିଆଯାଇଥିଲା । ତାଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା ଯେ ସେ ମାଓବାଦୀମାନଙ୍କ ଚିକିତ୍ସା କରୁଥିଲେ ! ପ୍ରମାଣ ଥିଲା, କୌଣସି ଏକ ମାଓ-ପୋଷ୍ଟର୍ ପଛପଟ ଧଳା କାଗଜରେ ତାଙ୍କ ହାତଲେଖା ପ୍ରେସ୍‌କ୍ରିପ୍‌ସନ୍ ! ଛତିଶଗଡ଼ର ଅବହେଳିତ ଜନଜାତିର ରୋଗୀଙ୍କୁ ଚିକିତ୍ସା କରନ୍ତି ବୋଲି ଡକ୍ଟର ସେନ କେବେ ମନା କରି ନ ଥିଲେ ।

ଜଣେ ମାଓବାଦୀ 'ଅପରାଧୀ' ଭାବେ ଘୋଷିତ ହୋଇ ଗିରଫ ହେବା ପରେ ଡାକ୍ତରବାବୁ ଗିରଫ ହେଲେ । ତାଙ୍କ ବିରୁଦ୍ଧରେ କଚେରିରେ 'ଠୋସ୍' ସାବୁତ୍ ଭାବେ ପେଶ୍ ହେଲା – ଏଇ ପ୍ରେସ୍‌କ୍ରିପ୍‌ସନ୍ ଖଣ୍ଡିକ !

ଛଳ ବାକ୍ୟରେ ସିଦ୍ଧି ଲଭିଥିବା ଭାରତରେ କୋର୍ଟରୁ ପାର୍ଲାମେଣ୍ଟ ଓ ପ୍ରଧାନମନ୍ତ୍ରୀଙ୍କଠୁଁ ବିରୋଧୀଦଳ ନେତା ସମସ୍ତେ କହନ୍ତି – ସନ୍ତ୍ରାସବାଦ, ମାନେ ଜିରୋ-ଟଲରେନ୍ସ !

ଆମ ଦେଶରେ କହିଲା ବୋଲିଲା ଲୋକଙ୍କୁ 'ଇଣ୍ଟେଲେକ୍‌ଚୁଆଲ୍' କୁହାଯାଏ । ସେମାନେ ସବୁ ବ୍ୟବସ୍ଥା ବିରୁଦ୍ଧରେ ନାକ ଟେକନ୍ତି ଏବଂ ନିଜ ପାଖରେ ପ୍ରତିକାର ପାଇଁ କିଛି ବିକଳ୍ପ ବି ନ ଥାଏ । ଏ ବାତ୍‌ଫୁରୁସିଆ ଇଣ୍ଟେଲେକ୍‌ଚୁଆଲ୍‌ମାନେ ଗଣତନ୍ତ୍ର ନିର୍ମାଣରେ ଢେର୍ ଗୋଳମାଳ କରନ୍ତି । ସେମିତି, ଅଫ୍‌ଜଲ୍ ଗୁରୁ କ'ଣ ପାର୍ଲାମେଣ୍ଟରେ ବନ୍ଧୁକ ଧରି ପଶିଥିଲା କି ?

ଏବେ କଥା ରହିଲା, ଯେଉଁ ହତାରେ କାଶ୍ମୀର ପରି ଭାବପ୍ରବଣ ସ୍ଥିତି ଓ ଇତିହାସକୁ ଆହୁରି ଉଖୁରେଇ ବିଦ୍ରୋହୀ ଛାତ୍ରଛାତ୍ରୀ ଦେଶର ସମ୍ବିଧାନକୁ ଅବମାନନା ଓ ପ୍ରଭୁସତ୍ତାକୁ ହେୟଜ୍ଞାନ କରୁଥିଲେ, ସେମାନେ ଯାହା ସହଯୋଗରେ ଏ କାର୍ଯ୍ୟ କରିବାକୁ ସକ୍ଷମ ହେଲେ ସେହି 'ପିସିଆଇ'ର ସହଯୋଗୀ ଭୂମିକାକୁ ଅସ୍ୱୀକାର କରାଯିବ କିପରି ?

ଘର ଭଡ଼ା ଲଗେଇ ପଇସା ରୋଜଗାର କରିବା ପ୍ରେସ୍-କ୍ଲବର 'ଫ୍ରି'-ଡମ୍ ଅଫ୍ ସ୍ପିଚ୍ ଏଣ୍ଡ୍ ଏକ୍ସପ୍ରେସନ୍' କି ?

**ମୋ.ନଂ.: ୯୪୩୭୧୯୪୬୦୦**

# ମରବାର୍ ସାଜା

ଖୋବ୍ ଶରଧା ! କେତେନି କେତେ ଭଲ୍ ପାଏସନ୍ ନିଜର୍ ଘର୍‌ନୀ କେ କମଲ୍ ବାବୁ । ବିହା ହେବାର ପାଁଚ୍ ବଛର୍ ହେଇଗଲାନ'... ହେଲେ ଏଭେ ଏଭେ ବିହା ହେଇଛନ୍ ମେତାନ୍ ତାକର୍ ଯୁଡ଼ି । ମାହାପୁରୁ ଛୁଆପୁତା ଟେ ନେଇଁ ଦେବାର୍ ତାଏଲ୍ ସିନେ... ହେଲେ ତାକର୍ ଭିତ୍‌ରେ ସେନ୍‌ହୋ ଶରଧା ଖୋବ୍ ।

ସର୍‌କାରୀ ଚାକ୍‌ରୀ । କେନ୍ ଅଫିସ୍ ଥି ଗୁଟେ କ୍ଲର୍କ ହେଇଛନ୍ । ଯେତେବେଲେ ଯାହା ଘର୍‌ନୀଙ୍କର୍ ହୁକୁମ୍, ସେଟାକେ ନେଇଁ କାଟନ୍ କମଲ୍ ବାବୁ । ହୁକମ୍ ଅନୁସାରେ ସବୁକିଛି ଚାଲିଥିସି । ମାଁ ବୁଆ ତ' ବଛର୍ ଦଶେ ହେଇଗଲା ସରଗ୍‌ବାସୀ ହେଇ ଗଲେନ' । ଏଛିନ୍ ତାକର୍ ସଁସାର୍ ବଏଲେ ସେ ଆର୍ ତାକର୍ ଘର୍‌ନୀ । ଦୁହିଁକର୍ ଭିତରେ କେଁ କାଁ, ମେଁ ମାଁ... କେଭେ ନେଇଁ । ହଁସିଖୁସି ଥି ସଁସାରର୍ ଡଙ୍ଗା ଖୁଲ୍‌ଖୁଲ୍ ଡୁବ୍‌ଡୁବ୍ ହେଇ ପହଁରୁଛେ ସମିଆଁର୍ ନଏଦ୍ ଥି ।

ଘର୍‌ନୀ ଘରେ ବଡ଼ା ବୋର୍ ହଉଥିବେ ବଲି ମାସ୍ ଛଏ କିଏ ସାତେ ହେବା କୁଡ଼େ ହଜାର ଟଙ୍କାର୍ ମୋବାଇଲ୍ ଟେ ଘିନି ଦେଇଛନ୍ କମଲ୍ ବାବୁ । ଦାମ୍‌କିଆ ମୋବାଇଲ୍ ଟେ ପାଇ କରି ତାକର୍ ଘର୍‌ନୀ ବି ବଡ଼ା ଉସତ୍ । ଘରେ ଦୁଇ ଜନ୍ ବଲି ଲୋକ୍ । କେତେ କବାର୍ ! ରନ୍ଧାବଢ଼ା, କବାର୍ ବୁତା ସାରି ଦେଲା ଉତ୍‌ରୁ ଟିଭି. ଟିକେ ଦେଖସନ୍ ନେଇଁ ହେଲେ ମୋବାଇଲ୍ ଥି ଖୁଜୁର୍ ଖାଜୁର୍ । ସୋସିଆଲ୍ ମିଡ଼ିଆ ଥି ବି ବଡ଼ା ମନ୍ ତାକର୍ । ହ୍ୱାଟ୍‌ସ୍‌ଅପ୍, ଫେସ୍‌ବୁକ୍ ଥି ନୂଆଁ ନୂଆଁ ବନ୍ଧୁ କର୍‌ବାର୍, ତାକର୍ ସାଙ୍ଗେ କଥାବାର୍‌ତା ହେବାରକେ ପସନ୍ଦ୍ କର୍‌ସନ୍ । କମଲ୍ ବାବୁ ରାତି ଖାଇପି' କରି ଶୁଇଲା ଉତ୍‌ରୁ ବି ଘଡ଼େ ଅଧେ ମୋବାଇଲ୍ ଥି ଖୁଜ୍‌ଖାଜ୍ ଲାଗିଥିସନ୍ ବଲି କେଭେ କେନ୍‌ତା କହି ପକାସନ୍ ବି କମଲ୍ ବାବୁ ।

ଦିନେ ଅଫିସ୍ ନୁଁ ବେଲ୍‌ବୁଡ଼ା କେ ଘର୍‌କେ ଫିର୍‌ଲା ବେଲ୍‌କେ କମଲ୍ ବାବୁ ଦେଖିଲେ, ତାକର୍ ଘରର୍ ଗେଟ୍ ଥି ତାଲା ପଡ଼ିଛେ । ପାଖର୍ ଘରର୍ ଛୁଆଟେ କମଲ୍ ବାବୁକେ ଦେଖିଲା ଯେନ୍‌ତା ଦବଡ଼ି ଦବଡ଼ି ଆଏଲା ଆର୍ ଚାବି ଗେଛା ଧରେଇ ଦେଇକରି ବଏଲା– 'ମେଡ଼ମ୍ କେନ୍‌ଆଡ଼େ ଗୁଟେ ଯାଇଛନ୍ ! ବାବୁ ଆଏଲେ ଚାବି ଦେଇଦେବୁ ବଲି ମତେ କହିଥିଲେ ।' ତାଲା ଖୁଲି କରି ଘର୍‌କେ ସମ୍‌ଲେ କମଲ୍ ବାବୁ । ଅଥା ହେଇ ଯାଇଥା'ନ୍ ବଲି ଶୁଇଲା ଘର୍‌କେ ଯାଇ ଡ୍ରେସ୍ ବଦ୍‌ଲେଇ କରି ଟିକେ ଛାଟ୍ ହେଲେ । ବେଡ଼୍ ଉପରେ କାଗଜ୍ ଗୁଟେ ଚାଏର୍ ଚଉତା ହେଇ ପଡ଼ିଥିବାର୍ ତାକର୍ ନଜର୍ କେ ଆଏଲା । ଖୁଲି କରି ପଢ଼୍‌ଲେ । '– କମଲ୍, ମୋର୍ କଥା ଜାନ୍‌ଲେ ତମ୍‌କୁ ଖରାପ୍ ଲାଗ୍‌ବା । ମୁଇଁ ଜାନୁଛେଁ । ତଥାପି ତମ୍‌କୁ କହିଦେବାର୍‌ଟା ଠିକ୍ ହେବା ବଲି କହୁଛେଁ । ହ୍ୱାଟ୍‌ଅପ୍ ଥି କଥାବାର୍ତ୍ତା ହଉ ହଉ ଜନେ ବନ୍ଧୁଙ୍କର୍ ସାଙ୍ଗେ ମୋର୍ ଲଭ୍ ହେଇଗଲା ଆର୍ ସେ ଲଭ୍ ଆମର୍ ଭିତ୍‌ରେ ଏତେ ବଢ଼ି ଯାଇଛେ ଯେ, ତାକର୍ ସାଙ୍ଗେ ମୁଇଁ ଆଏଜ୍ ପଲେଇ ଆସିଛେଁ । ଇଟା ତ' ସତ୍ ଆଏ, ତମର୍ ଭଲ୍ ପାଏବାର୍ ଥି କିଛି କମି ନେଇଁ ଥାଇ । ତଥାପି ଇ' ନୂଆଁ ଭଲ୍‌ପାଏବାର୍ ଥି ଯହ ଗହକି ମିଲିଛେ ମତେ । ତମର୍ ନିକେ ତ' ଇ ଜନମ୍ ଥି ଆର୍ ଫିରି ନେଇଁପାରେଁ । ମତେ ନୁରାଖୁଜା ନେଇଁ କର୍‌ବ । ମୁଇଁ ହଜାର୍ ହଜାର୍ କିଲୋମିଟର୍ ଦୂର୍‌କେ ଆସିଛେଁ । ସମିଆଁ ସୁଯୋଗ ଦେଖିକରି ଉନ୍‌ଜା ଟୁକେଲ୍ ଗୁଟେକେ ବିହା ହେବ ଆର୍ ସୁଖେ ରହେବ । ମତେ କ୍ଷମା କରିଦେବ... ତମର୍ ଘର୍‌ନୀ ।' ମୁଡ଼େ ହାତ୍ ଦେଇ କରି ଭୋ' କରି କାନ୍ଦି ପକାଲେ କମଲ୍ ବାବୁ । କାହାକେ କହେବେ, କାଁ ବଲି କରି କହେବେ, କେନ୍‌କେ ଯିବେ, କାହାର୍ ସାଙ୍ଗେ ସଁସାର୍ କର୍‌ବେ, କାଏଁ ଲାଜେ କାହାକେ ମୁହୁଁ ଦେଖାବେ.... ଗୁର୍‌ଦୁ ଟେ ପ୍ରଶ୍ନ ତାକର୍ ମୁଣ୍ଡ୍‌କେ ବାଏବିଛୋ କରି ଦଉଥାଏ । ଏତେ ଭଲ୍ ପାଏବାର୍ ଦେଇକରି ବି ଯଦି ସଁସାର୍ ଉଦ୍‌ରି ଯଉଛେ, ତ' ଆର୍ କାଁଣା କରାଯାଇ ପାରେ ! କାଣାଁ କର୍‌ସିଁ, କାହିଁ ଯାଏସିଁ, କେନେ ରହେସିଁ ମେତାନ୍ ଲାଗୁଥାଏ ତାହାଁକୁ । **କାବା ହେଇଯିବ ହୋ'... (କେପିଏନ୍‌ଏସ୍)**

## ସଂପାଦକୀୟ

# ମାନବ ଓ ତପୋଭୂମି

ଭାରତର ଅବନତି ସେଇ ସମୟରୁ ଆରମ୍ଭ ହୋଇଗଲା, ଯେଉଁ ସମୟରୁ ଗାନ୍ଧୀଙ୍କୁ ବାଦ୍ ଦେଇ କ୍ଷମତାଲିପ୍‌ସୁଙ୍କ ଆତ୍ମକାମୀ ଉଚ୍ଚାରଣରେ ଗାନ୍ଧୀବାଦର ନାମାବଳୀ ଜପା ହେଲା । ମଣିଷ ଲାଖି ବୋଧର ରାଜନୀତିକୁ ହଟାଇ କ୍ଷମତା ସାଧର ରାଜନୀତି ପାଇଁ ପଥ ପରିଷ୍କାର ହେଲା । ସଂଗ୍ରାମ ବେଳର ରାଜନୀତିରେ ମଣିଷକୁ ମାନ୍ୟତା ଦିଆଯାଉଥିଲା । ''ସବୁ ମଣିଷଙ୍କ ଆଖିରୁ ସବୁ ପ୍ରକାର ଦୁଃଖଜନିତ ଅଶ୍ରୁର ମୋଚନ'' କରିବାକୁ ହିଁ ମହାତ୍ମାଗାନ୍ଧୀ ରାଜନୀତିର ମୂଳ ବୁନିଆଦ ବୋଲି ଘୋଷଣା କରିଥିଲେ । ସେଇ କଥାକୁ କେନ୍ଦ୍ର କରି ସବୁ କାର୍ଯ୍ୟକ୍ରମ ଚାଲୁଥିଲା । ମାନବିକ ଅସ୍ତିତ୍ୱର ସୁସ୍ଥ ଓ ସାର୍ଥକ ବିକାଶ ପାଇଁ କରାଯାଉଥିବା ଉଦ୍ୟମ ପଥରେ ସେଥିପାଇଁ ସତ୍ୟାଗ୍ରହ, ଅହିଂସା, ସାଂପ୍ରଦାୟିକ ସହାବସ୍ଥାନ, ସମତା, ଗଣତନ୍ତ୍ର, ସାମାଜିକ ନ୍ୟାୟ ପ୍ରଭୃତିର ବିଚାର ଗୋଟିଏ ଗୋଟିଏ ମାଇଲ୍‌ଖୁଣ୍ଟ ରୂପେ ସ୍ଥାପିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ମାଙ୍କଡ଼ ହାତରେ ସାଳଗ୍ରାମ ପଡ଼ିବା ନ୍ୟାୟରେ ସେଇ ମୂଲ୍ୟବୋଧଗୁଡ଼ିକର ଅପବ୍ୟବହାର ହେଲା । କ୍ଷମତାଖୋର୍‌ଙ୍କ କ୍ଷମତାସାଧ ମେଣ୍ଟାଇବା ପାଇଁ ସେଗୁଡ଼ିକର ବିକୃତ ତର୍ଜମା କରାଯାଇ ଜନମାନସକୁ ବିଭ୍ରାନ୍ତ କରାଗଲା । ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଏଇ ଦୁଃଖଦ ପରିଣତିର ଭୂରି ଭୂରି ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ଅସ୍ତିତ୍ୱ ବିକାଶ ପାଇଁ କରାଯାଇଥିବା ଏଇ ବିଚାରଗୁଡ଼ିକ ଏବେ ଧାରଣା, ଧର୍ମଘଟ, ଗୋଷ୍ଠୀ କନ୍ଦଳ, ସାଂପ୍ରଦାୟିକ କନ୍ଦଳ, ବିଚ୍ଛିନ୍ନତା ଓ ସର୍ବୋପରି ଏକ କୋଳାହଳ ମୁଖର ଅରାଜକତାର ସ୍ତରକୁ ଖସି ଆସିଛି । ମଣିଷକୁ ତା'ର ନ୍ୟାର୍ଯ୍ୟ ମର୍ଯ୍ୟାଦା ଦେବା ପରିବର୍ତ୍ତେ ତାକୁ ଛଳେ ବଳେ କଉଶଳେ କ୍ଷମତା ଲାଭର ସପକ୍ଷରେ ମଣ କରି ରଖାଯିବାର ଫନ୍ଦି ଫିକରରେ ଦେଶର ରାଜନୈତିକ ନେତୃତ୍ୱ ବ୍ୟସ୍ତ । ମିଛ ରାଜନୀତି, ମିଛ ପ୍ରଶାସନ ଓ ମିଛ କୋଳାହଳର କପଟ ପାଶାରେ ବନ୍ଦୀ ହୋଇ ମାନବ ଅସ୍ତିତ୍ୱ ଛଟପଟ ହେଉଛି । ଦେଖିବାକୁ ଶୁଣିବାକୁ କେହି ନାହିଁ । କ୍ଷମତାଖୋର୍ ବିକୃତ ରାଜନୀତି ଜନ ଅସ୍ତିତ୍ୱ ପାଇଁ ବିଗତ ଦୀର୍ଘ ବର୍ଷରେ ଭାରତୀୟ ଜନଗଣ ପାଇଁ ଯେଉଁ ସର୍ବଗ୍ରାସୀ ଅବଦାନ ଆଣିଦେଇଛି, ପିପିଲି ଓ ଲାଠୋରର ଘଟଣାବଳୀ ତା'ର ଗୋଟିଏ ଗୋଟିଏ କଳଙ୍କିତ ଦୃଷ୍ଟାନ୍ତ ମାତ୍ର । ଏଭଳି ଆହୁରି ଅନେକ ଘଟୁଛି ଓ ଘଟି ଚାଲିବ, ଯଦି ସମୟ ସମୀକ୍ଷୁ ହୋଇ କିଛି ମୂଳଗତ ଚିକିତ୍ସା ନ କରାଯାଏ ।

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ. ୯୪୩୭୦୩୯୦୯୬



# ଇଚ୍ଛୟା ଆକାଶ ସମା ଅନନ୍ତା

ପ୍ରାକୃତ ବାଙ୍ମୟରେ ଏକ ସୂକ୍ତ ମିଳିଥାଏ – 'ଇଚ୍ଛୟା ଆକାଶ ସମା ଅନନ୍ତା' । ଅର୍ଥାତ୍ ଇଚ୍ଛା ଆକାଶ ସମ ଅନନ୍ତ । ତା'ର କଳନା ସମ୍ଭବ ନୁହେଁ । ବ୍ରହ୍ମାଣ୍ଡର ସମସ୍ତ ଜୀବଙ୍କ ଆବଶ୍ୟକତାର ସଂପୂର୍ତ୍ତି କରାଯାଇପାରେ । କିନ୍ତୁ ଜଣେ ମାତ୍ର ବ୍ୟକ୍ତିର ଆକାଙ୍କ୍ଷା ପୂରଣ କରିବା ସମ୍ଭବପର ନୁହେଁ ।

ଜୀର୍ଣ୍ଣଶୀର୍ଣ୍ଣ ବେଶଭୂଷା । ଚକ୍ଷୁଦ୍ୱୟ ଗଭୀର ଭାବେ ତୃଷାର୍ତ୍ତ । ଦରିଦ୍ର ଲୋକଟି ରାଜାଙ୍କ ପାଖରେ ଉପସ୍ଥିତ ହୋଇ କହିଲା – 'ରାଜନ୍ ! ମୋ' ଠାରେ ଗୋଟିଏ ବଳଦ ଅଛି । ତା' ଯୋଗ୍ୟ ଆଉ ଗୋଟିଏ ବଳଦ ମିଳିଲେ ସୁନ୍ଦର ଯୋଡ଼ିଟିଏ ହୁଅନ୍ତା । ବର୍ତ୍ତମାନ ପରିଣତ ବୟସରେ ଉପନୀତ । କେତେବେଳେ ଶ୍ୱାସର ଯାତାୟାତ ବନ୍ଦ ହୋଇଯିବ, କହି ହେବନି । ମୁଁ ଚେଷ୍ଟା କରି ହାରିଗଲିଣି । ଆପଣ ସେପରି ବଳଦଟିଏ ଯୋଗାଡ଼ କରିବାର ଆଦେଶ କଲେ ଧନ୍ୟ ହୁଅନ୍ତି ।

ରାଜା ସହଜ ଭାବରେ ଉତ୍ତର ଦେଲେ – 'ବାସ୍ ! ଏତିକି କଥା ।' ଆଉ କିଛି କହିବା ପୂର୍ବରୁ ବିଚକ୍ଷଣ ମନ୍ତ୍ରୀ ଜଣକ କହି ଉଠିଲେ – 'କ୍ଷମା କରିବେ ମହାରାଜ ! କୌଣସି ଆଶ୍ୱାସନା ଦେବା ଆଗରୁ ତା'ର ବଳଦକୁ ଟିଏ ଭଲ କରି ଦେଖି ନେବା ଠିକ୍ ହେବ ।' ଲୋକଟି ରାଜା ଓ ମନ୍ତ୍ରୀଙ୍କୁ ଅନେକ ଦୂର ତା'ର ଘରକୁ ନେଇଗଲା । ସାଧାରଣ ଲୋକଟିଏ । କିନ୍ତୁ ଅନେକ ଭିତରକୁ ଗଲା ପରେ ସେ ଯେଉଁଠି ବଳଦ ଦେଖାଇଲା, ତାକୁ ଦେଖି ରାଜା ଓ ମନ୍ତ୍ରୀ ହତବାକ୍ ହେଲେ । ଲୋକଟି ତା' ପୂର୍ବ ପୁରୁଷଙ୍କ ଅର୍ଜିତ ଧନସମ୍ପତ୍ତିକୁ ବହୁମୂଲ୍ୟ ହୀରା, ନୀଳା, ମୋତି, ମାଣିକ୍ୟରେ ରୂପାନ୍ତରିତ କରି, ସେମାନଙ୍କ ଦ୍ୱାରା ଏକ ବଳଦର ନିର୍ମାଣ କରିଛି ।

ରାଜା କହିଲେ – 'ଏହି ବଳଦ ସରିକି ଆଉ ଗୋଟିଏ ବଳଦ ଦେବାକୁ ହେଲେ ମୋ ରାଜ୍ୟର ସମସ୍ତ ଅର୍ଥ ତଥା ରାଜକୋଷ ମିଶି ମଧ୍ୟ ଊଣା ପଡ଼ିବେ । କିନ୍ତୁ ତଥାପି ତୁମେ ସନ୍ତୁଷ୍ଟ ନୁହଁ । ତମର ଅନନ୍ତ ତୃଷ୍ଣାକୁ କୋଟି କୋଟି ପ୍ରଣାମ । କିନ୍ତୁ ଦୂରରୁ... ।'

**ଜଂଗଲ ବଂଚାନ୍ତୁ, ମାନବ ଜୀବନ ରକ୍ଷା ପାଇଁ ସହାୟକ ହୁଅନ୍ତୁ ।**

**– ଜଣେ ଶୁଭେଚ୍ଛୁ**

## ସାମ୍ବାଦିକ ଆବଶ୍ୟକ

ବଲାଙ୍ଗିର ଜିଲ୍ଲାର **ଦେଓଗାଁ, ଗୁଡ଼ଭେଲା ଓ ବେଲପଡ଼ା** ବ୍ଲକ୍ ପାଇଁ 'କୋଶଳ ପ୍ରବାହ' ସାପ୍ତାହିକ ସମ୍ବାଦପତ୍ରର ବ୍ଲକ୍ ସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀମାନେ ଶିକ୍ଷାଗତ ପ୍ରମାଣପତ୍ର ଓ ଆବେଦନ ପତ୍ର ସହ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ ।

ସଂପାଦକ : 'କୋଶଳ ପ୍ରବାହ'
ଶାନ୍ତିପଡ଼ା, ବଲାଙ୍ଗିର – ୭୬୭୦୦୨
ମୋବାଇଲ୍ ନଂ. ୯୪୩୭୧୫୧୦୬୨, ୮୨୪୯୧୮୩୭୪୫
email : koshalaprabaha@gmail.com

## ପୋଲିସ ଗୁଳିରେ ୨ ମହିଳା ମାଓବାଦୀ ନିହତ



ମାଲକାନଗିରି, (ନିପ୍ର) : ମାଲକାନଗିରି-ଛତିଶଗଡ ସୀମାନ୍ତ ବିଜାପୁର ଜିଲ୍ଲାରେ ପୋଲିସ ଗୁଳିରେ ଦୁଇ ଜଣ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଘଟଣା ସ୍ଥଳରୁ ଦୁଇଟି ବନ୍ଧୁକ ଓ ଗୋଟିଏ ପିସ୍ତଲ ସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ବିଜାପୁର ଜିଲ୍ଲା ଦୁରଦା ଜଙ୍ଗଲରେ ମାଓବାଦୀମାନେ ଏକ କ୍ୟାମ୍ପ କରି ରହିଥିବା ପୋଲିସ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା । ଏହାକୁ ଆଧାର କରି ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ପକ୍ଷରୁ ସେଠାରେ କୁମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା । ଘଟଣା ପରେ ମାଓବାଦୀ ପଳାୟନ କରିଥିବା ବେଳେ ସେଠାରେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିବା ଜଣାପଡିଛି ।

## ହାତୀ ଦାନ୍ତ ଚୋରା ଚାଲାଣକାରୀକୁ ଗିରଫ କଲା ଏସ୍‌ଟିଏଫ୍ : ୭ଟି ହାତୀ ଦାନ୍ତ ଜବତ



ଭୁବନେଶ୍ୱର : ହାତୀ ଦାନ୍ତ ଚୋରା ଚାଲାଣକାରୀକୁ ଗିରଫ କରିଛି ଏସ୍‌ଟିଏଫ୍ ଟିମ୍ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲା କରଞ୍ଜିଆ ବନ ବିଭାଗ ସହାୟତାରେ କରଞ୍ଜିଆ ରାସ୍ତାର ପତୁଙ୍ଗ ଗାଁ ରାସ୍ତା କଡରେ ଡିଲ୍ ବେଳେ ରମାକାନ୍ତ ପ୍ରଧାନକୁ ଗିରଫ କରିଛି ଏସ୍‌ଟିଏଫ୍ ଟିମ୍ । ୫ କେ.ଜି ୬୬୨ ଗ୍ରାମ ଓଜନର ଦୁଇଟି ହାତୀ ଦାନ୍ତ ଜବତ କରିଥିବା ଏସ୍‌ଟିଏଫ୍ ଟିମ୍ ପକ୍ଷରୁ ସୂଚନା ମିଳିଛି ।

## ଶ୍ରୀଅରବିନ୍ଦ ସ୍କୁଲରେ ଭ୍ରାମ୍ୟମାଣ ପାଠାଗାର




ବରଗଡ, (ନିପ୍ର) : ପୁସ୍ତକ ଏକ ଉତ୍ତମ ବନ୍ଧୁ । ଯିଏ ପୁସ୍ତକ ସହ ଯେମିତି ବନ୍ଧୁତା ସ୍ଥାପନ କରିଛି ସିଏ ଭବିଷ୍ୟତକୁ ସେମିତି ଗଢିଛି । ତେଣୁ ଛାତ୍ରଛାତ୍ରୀମାନେ ପୁସ୍ତକ ପଠନ ପ୍ରତି ଯତ୍ନବାନ ହେବାକୁ ଲାଦେରପାଲି ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସର ମଧ୍ୟରେ ଆୟୋଜିତ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ଯୋଗଦାନ କରି ବକ୍ତା ଗଣ ମତବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ଟିକେଲାଲ୍ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଶେଷଦେବ ନାୟକ ଓ ଅବସରପ୍ରାପ୍ତ ଅଧ୍ୟାପକ ତିଳକରାମ ପ୍ରଧାନ, ଗୀତିକାର ସରୋଜ କୁମାର ରଥ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଭ୍ରାମ୍ୟମାଣ ପାଠାଗାରର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅପା ଭାଇଙ୍କ ମଧ୍ୟରୁ ବବ୍ରୁବାହନ ମିଶ୍ର, ନିରଞ୍ଜନ ପଶାୟତ, ହରିବୋଲ ଅଦାବର, ଧର୍ମରାଜ ସାହୁ, ଜୟଶ୍ରୀ ନନ୍ଦ, ମିଳନୀକା ନନ୍ଦ ଓ ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରସ୍ମିତା ସାହୁ, ଦେବାଶିଷ ସାହୁ ଓ ରତୁପର୍ଣ୍ଣା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଶେଷରେ ଯତୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିଶୁଶ୍ରୀର ଆବାହକ ଶିଶୁ ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁ ।

## ଦୁର୍ଗାପାଲି ଛକରେ ଅବକାରୀ ବିଭାଗର ଚଢ଼ାଉ : ନକଲି ମଦ ଜବତ ସହ ଜଣେ ଗିରଫ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଅବକାରୀ ବିଭାଗ ତରଫରୁ ପୁଇଁନ୍ତଲା ବ୍ଲକ ଦୁର୍ଗାପାଲି ଛକଠାରେ ନକଲି ମଦ ଜବତ ସହ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଦୁର୍ଗାପାଲି ଗ୍ରାମର ଅନନ୍ତ ସୌର ନାମକ ଜଣେ ବ୍ୟକ୍ତି ଦୀର୍ଘ ମାସରୁ ଜଣଙ୍କ ଘରେ ବିପୁଳ ପରିମାଣରେ ବିଦେଶୀ ମଦ ବିକ୍ରି କରିଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଗତକାଲି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବେଆଇନ ଭାବେ ବିକ୍ରି କରୁଥିବା ବେପାରୀକୁ ଜାଲିୟାତି ବିଦେଶୀ ମଦ ଏବଂ ଛାପାଥିବା ଖାଲି ବୋତଲ ସହ ମଦ ବେପାରୀ ଅନନ୍ତ ସୌରଙ୍କୁ ଗିରଫ କରି ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ଭୋଟ ଗଣତି ଫଳାଫଳ ଜାଣିବା ପୂର୍ବରୁ ଚାଲିଗଲା ସମିତି ସଭ୍ୟ ପ୍ରାର୍ଥୀଙ୍କ ଜୀବନ

ଘଟଗାଁ, (ନିପ୍ର) : ମତଦାନ ଶେଷ ହୋଇଥିବା ବେଳେ ଗତକାଲି ଥିଲା ଭୋଟ ଗଣତିର ପ୍ରଥମ ପର୍ଯ୍ୟାୟ । ଭୋଟ ଗଣତି ହୋଇ ଅପେକ୍ଷା ରହିଥିଲା ଫଳାଫଳ ଜାଣିବା କିନ୍ତୁ ଫଳାଫଳ ଜାଣିବା ପୂର୍ବରୁ ଚାଲିଗଲା ସମିତି ସଭ୍ୟ ପ୍ରାର୍ଥୀଙ୍କ ଜୀବନ । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡପଟା ପଂଚାୟତର ସମିତି ସଭ୍ୟ ପ୍ରାର୍ଥୀ ସଞ୍ଜୀବ କୁମାର୍ ବ୍ୟାସଙ୍କର ଶୁକ୍ରବାର ରାତିରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣାପଡିଛି । ସଞ୍ଜୀବଙ୍କ ବିୟୋଗ ଫଳରେ ହରିଚନ୍ଦନପୁର ଅଂଚଳ ଏବଂ ଶଗଡ଼ପଟା ଗ୍ରାମ ପଂଚାୟତବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

## ବିଜେଡି ଆଗରେ ଅନ୍ୟ ସବୁ ଦଳର ଅଙ୍କ କଷା ଫେଲ୍ ହେଲା

କନ୍ଧମାଳ, (ନିପ୍ର) : କନ୍ଧମାଳ ଜିଲ୍ଲା ବିଜେଡି ଆଗରେ ସବୁ ଦଳର ଅଙ୍କ କଷା ଫେଲ ମାରିଛି । ପ୍ରଥମ ଦିନର ଗଣତିରେ ସମଗ୍ର କନ୍ଧମାଳ ଜିଲ୍ଲାରେ ବାଜିମାତ କରିଛି ବିଜେଡି । ଯଦିବି ବିଜେପି ବେଶ ଆଶା ବାନ୍ଧିଥିଲା ଅନେକ ସ୍ଥାନରେ ଉତ୍ସାହ ଜନକ ଫଳାଫଳ ଆସିବ ବୋଲି, ତଥାପି ବିଜେପିର ସବୁ ଆଶା ପାଣି ଫାଟି ଯାଇଛି । ଅନ୍ୟ ପକ୍ଷରେ କଂଗ୍ରେସର ସ୍ଥିତି ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ଫଳାଫଳରେ ଅତ୍ୟନ୍ତ ଶୋଚନୀୟ ଜଣାପଡୁଛି । ଆଗରେ ରହିଛି ବିଜେଡି, ଅନ୍ୟ ଦୁଇ ପ୍ରମୁଖ ଦଳକୁ ପଛରେ ପକାଇ । ସମଗ୍ର କନ୍ଧମାଳ ଜିଲ୍ଲା ବିଜେଡି ଶିବିରରେ ଉତ୍ସାହ ଦେଖା ଦେଇଥିବା ବେଳେ ବିଜେପି ଓ କଂଗ୍ରେସ ଶିବିରରେ ଅତ୍ୟନ୍ତ ନିରୁତ୍ସାହଜନକ ସ୍ଥିତି ଦେଖିବାକୁ ମିଳୁଛି ।

## ଗାଡ଼ିପାର୍କିଂକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍

ବୀରମହାରାଜପୁର, (ନିପ୍ର) : ବୀରମହାରାଜପୁର ସହରର ମୁଖ୍ୟ ଦୈନିକ ବଜାର ନିକଟରେ ଗୁରୁବାର ସନ୍ଧ୍ୟାରେ ଗାଡ଼ି ପାର୍କିଂକୁ ନେଇ ମାର୍‌ପିଟ୍ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଗତ ଗୁରୁବାର ରାତି ୮ଟାରେ ବଜାର ନିକଟସ୍ଥ କ୍ରିଷ୍ଣା କିରାନା ଦୋକାନ ଆଗରେ ତାଙ୍କ ଚାରିଚକିଆ ଡାଲା ଗାଡ଼ି ଥିଲା । ରାସ୍ତା ଉପରେ ରଖିଛୁ କହି ଅନ୍ୟ ଜଣେ ଗାଡ଼ି ଚାଳକ କିରାନା ଦୋକାନୀ ସୁରେଶ ମେହେରଙ୍କୁ ଗାଳିଗୁଲଜ କରିଥିଲେ । ପରେ ଗାଡ଼ି ଚାଳକଙ୍କ ଅନ୍ୟ ସହଯୋଗୀ ସହ ଆସି ସୁରେଶଙ୍କୁ ପ୍ରଚୁର ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିବା ଅଭିଯୋଗ ହୋଇଛି । ଖବର ପାଇ ଏସ୍‌ଡ଼ିପିଓ ଡୋଳାମଣି ଭୋଇଙ୍କ ନିର୍ଦ୍ଦେଶ କ୍ରମରେ ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ଓ ଅନ୍ୟମାନେ ଘଟଣାସ୍ଥଳରେ ପହଂଚି ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦେଇଥିଲେ । ଏନେଇ ସୁରେଶ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିବା ବେଳେ ଗତକାଲି ଗ୍ରୋସରୀ ଦୋକାନୀ ସଂଘ ପ୍ରତିବାଦ କରି ଦୋକାନ ବନ୍ଦ କରିଥିଲେ ।

ଗାଡ଼ି ଚାଳକ ସଂଘ ପକ୍ଷରୁ ବି ଅଭିଯୋଗ ହୋଇଥିଲା । ପରେ ଆପୋଷ ବୁଝାମଣାରେ ସମାଧାନ ହୋଇଥିବା ସୂଚନା ମିଳିଛି ।

**ରକ୍ତ ଦାନ କରନ୍ତୁ, ଅନ୍ୟର ଜୀବନ ବଂଚାଇ ମାନବ ଜୀବନକୁ ସଫଳ କରନ୍ତୁ ।**

## ୟୁକ୍ରେନରେ ଫସି ରହିଛନ୍ତି ବୌଦ୍ଧର ଡାକ୍ତରୀ ଛାତ୍ର ସିଦ୍ଧାର୍ଥ ସାହିଲ ମହାପାତ୍ର : ପୁଅକୁ ଉଦ୍ଧାର ପାଇଁ ପିତା ମାତାଙ୍କ ଆକୁଳ ନିବଦେନ



ବୌଦ୍ଧ, (ନିପ୍ର) : ୟୁକ୍ରେନ ଉପରେ ରୁଷିଆର ଘନଘନ ଆକ୍ରମଣ ଜାରି ରହିଥିବା ବେଳେ ସେଠାରେ ଅନ୍ୟ ଭାରତୀୟ ଛାତ୍ରଙ୍କ ମଧ୍ୟରେ ଫସି ରହିଛନ୍ତି ବୌଦ୍ଧ ସହର ଜଣେ ଯୁବକ ସିଦ୍ଧାର୍ଥ ରାହୁଲ ମହାପାତ୍ର । ସିଦ୍ଧାର୍ଥଙ୍କ ଘର ବୌଦ୍ଧ ସହର ସ୍ଥିତ ରାମେଶ୍ୱର ବିହାରରେ । ସେ ୟୁକ୍ରେନର ରାଜଧାନୀ କିଭ୍‌ରେ ଫସି ରହିଛନ୍ତି । ସିଦ୍ଧାର୍ଥ ୟୁକ୍ରେନର କିଭ୍‌ରେ ମେଡିକାଲ ୟୁନିର୍ଭସିଟିର ୫ମ ବର୍ଷର ଛାତ୍ର । କିଭ୍ ହରଲିସ୍କା-୧୨୪ରେ ଅଟକି ରହିଛନ୍ତି । ସିଦ୍ଧାର୍ଥ ୨୦୨୦ ୟୁକ୍ରେନ୍‌ରେ ମେଡିକାଲ ୟୁନିର୍ଭସିଟିରରୁ କ୍ରକ୍ ଟପ୍ପର ହୋଇଥିଲେ । ସିଦ୍ଧାର୍ଥଙ୍କ ଭିସା ସରି ଯାଉଥିବାରୁ ଡାକ୍ତରୀ ପାଠ ଅଧାରେ ରହିଯିବା ଭୟରେ ସେ ଗତ ୧୨ ତାରିଖରେ ୟୁକ୍ରେନ ଯାଇଥିଲେ । କିନ୍ତୁ ହଠାତ୍ ଯୁଦ୍ଧ ପରିସ୍ଥିତି ହୋଇଯିବାରୁ ସେ ଆଉ ଫେରି ପାରିନଥିଲେ । ସିଦ୍ଧାର୍ଥଙ୍କ ବାପା ପ୍ରଶାନ୍ତ କୁମାର ମହାପାତ୍ର ବୌଦ୍ଧ ପଂଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ମା' ଗୀତାରାଣୀ ଦଲାଇ ବର୍ତ୍ତମାନ ପଂଚାୟତ ମହାବିଦ୍ୟାଳୟରେ ଅଧ୍ୟାପିକା ଅଛନ୍ତି ।

ସିଦ୍ଧାର୍ଥ ବର୍ତ୍ତମାନ ଯେଉଁ ସ୍ଥାନରେ ରହିଛନ୍ତି ସେଠାରେ ପ୍ରବଳ ଗୋଳାବାରୁଦ ବର୍ଷଣ ହେଉଥିବା ବେଳେ ଖାଇବା ପିଇବା ନେଇ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସୂଚନା ଦେଇଛନ୍ତି । ଭାରତୀୟ ଦୂତାବାସ ପକ୍ଷରୁ ସେମାନଙ୍କୁ କୌଣସି ସହଯୋଗ ମିଳିପାରୁ ନଥିବା ବେଳେ ଖାଇବା ଓ ପାନୀୟଜଳର ମଧ୍ୟ ଘୋର ଅଭାବ ଦେଖା ଦେଇଥିବା ତାଙ୍କ ନିକଟରୁ ସୂଚନା ମିଳିଛି । ଏକମାତ୍ର ପୁତ୍ର ସିଦ୍ଧାର୍ଥଙ୍କୁ ନେଇ ପିତା ମାତା ଅନେକ ଚିନ୍ତାରେ ରହିଛନ୍ତି । ତେଣୁ ଓଡିଶା ତଥା ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ତୁରନ୍ତ ଉଦ୍ଧାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆକୁଳ ନିବେଦନ କରିଛନ୍ତି ।

## ୧୦ କେଜି ଗଞ୍ଜେଇ ଜବତ ସହ ଜଣେ ଗିରଫ




ନୂଆପଡ଼ା, (ନିପ୍ର) : ନୂଆପଡ଼ା ଜିଲ୍ଲା ଲଖନା ଥାନା ଦଲଦଲି ନିକଟରେ ଅବକାରୀ ବିଭାଗ ଚ଼ଢ଼ଉ କରି ୧୦ କେଜି ୩ ଶହ ଗ୍ରାମ୍ ଗଞ୍ଜେଇ ଜବତ କରିଥିବା ଜଣାପଡିଛି ।

ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଦଲଦଲି ଗାଁର ବାସୁଦେବ ହଂସ(୩୦)କୁ ଗିରଫ କରିଥିବା ସୂଚନା ରହିଛି । ଅବକାରୀ ଆଇନ ଅନୁସାରେ ଏକ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

## ୟୁକ୍ରେନରେ ଫସି ରହିଲେ ସିନାପାଲି ଅଂଚଳର ଡାକ୍ତରୀ ଛାତ୍ର ଆଶିଷ



ନୂଆପଡ଼ା, (ନିପ୍ର) : ୟୁକ୍ରେନରେ ଯୁଦ୍ଧର ପରିସ୍ଥିତି ଦେଖା ଦେଉଥିବା ଦୂରଦର୍ଶନ ଖବର ମାଧ୍ୟମରେ ପ୍ରଚାରିତ ହେଉଛି । ଏପରି ପରିସ୍ଥିତିରେ ୟୁକ୍ରେନରେ ଡାକ୍ତରୀ ପାଠ ପଢିବା ପାଇଁ ଯାଇଥିବା ନୂଆପଡା ଜିଲ୍ଲାର ତିନିଗୋଟି ଛାତ୍ର ସେଠାରେ ଫସି ରହଥିବା ଖବର ସାମ୍ନାକୁ ଆସିଛି । ସେଥିମଧ୍ୟରୁ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମର ଦୁଇଜଣ ଓ ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମର ହରିହର ମେହେର ଓ ଶ୍ରୀମତୀ ପ୍ରିୟମ୍ବଦା ମେହେରଙ୍କ ପୁତ୍ର ଆଶିଷ ମେହେର ବୋଲି ଜଣାପଡିଛି । ଆଶିଷ ବର୍ତ୍ତମାନ ୟୁକ୍ରେନର ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ର ଅଟନ୍ତି ।

ବର୍ତ୍ତମାନ ୟୁକ୍ରେନ ପରିସ୍ଥିତି ଗମ୍ଭୀର ଥିବାରୁ ଆଶିଷଙ୍କ ପରିବାର ଲୋକେ ତାଙ୍କ ପୁଅକୁ ଅକ୍ଷତ ଅବସ୍ଥାରେ ବିଦେଶରୁ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କୁ କାକୁତି ମିନତି ହୋଇ ଅନୁରୋଧ କରୁଛନ୍ତି ।

## ଜାଲରେ ପଡିଲା ୧ କୁଇଂଟାଲ ୭୦ କିଲୋ ଓଜନର ସାର୍କ



ଭୋଗରାଇ, (ନିପ୍ର) : ପଶ୍ଚିମବଙ୍ଗ କାନ୍ଥି ମହକୁମା ପେଟୁଆଘାଟସ୍ଥିତ ସମୁଦ୍ରରୁ ଏକ ଟ୍ରଲର ଦୁଇଦିନ ତଳେ ଗଭୀର ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଜାଲରେ ୧ କୁଇଂଟାଲ ୭୦ କିଲୋ ଓଜନ ଓ ୯ ଫୁଟ ଲମ୍ବ ୪ଫୁଟ ଓସାରର ଏକ ସାର୍କ ମାଛ ଲାଗିଥିବା ଜଣାପଡ଼ିଛି । ସ୍ଥାନୀୟ ମତ୍ସ୍ୟଜୀବୀ ସମବାୟ ସମିତି ନିୟନ୍ତ୍ରିତ ବଜାରରେ ମାଛଟିକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରିଥିବା ବେଳେ କୋଲକାତାର ଏକ କମ୍ପାନି ଏହି ମାଛକୁ କିଣିଥିବା ସୂଚନା ମିଳିଛି । ଉକ୍ତ ସାର୍କ ମାଛକୁ ସ୍ଥାନୀୟ ମତ୍ସ୍ୟଜୀବୀ ଭିନ୍ନ ପ୍ରଜାତିର କେହି କେହି ଏହାକୁ କଂଟୁଆ ମେଦା ମାଛ ବୋଲି ମଧ୍ୟ କହିଛନ୍ତି ।

# ଅଭିନଂଦନ ସମାରୋହ

ଡ. ଗୋବର୍ଦ୍ଧନ ସାହୁ



ଗଲା ମେ’ ମାସର କୁଡ଼େ ତାରିଖେ ସିବିଏସ୍‌ଇ ବାର’ କିଲାସ୍‌ର ରିଜଲ୍‌ଟ୍ ବାହାରିଲା । ଆମର ସହରେ ଛ’ ସାତ୍‌ଟା ପବ୍‌ଲିକ୍ ସ୍କୁଲ ଅଛେ । ସବୁ ଅନୁଷ୍ଠାନ୍‌ର ମୁର୍‌ଧନିଆ ପିଲାମାନଙ୍କୁଁ ସନ୍‌ମାନ ଜନାବାକେ ଗୁଟେ ଅଭିନଂଦନ୍ ସଭାର ଆୟୋଜନଟେ କରାହେଇଥାଏ । ସଭାର ଠାନ୍ ହେଲା ପ୍ରଗତି ପବ୍ଲିକ୍ ସ୍କୁଲ୍, ସମିଆଁ ବେଲ୍‌ହଉ ଚାଏର୍ ବଜେ । ମୁଖିଆ ଅତିଥି ଥାଅନ୍ ଜିଲ୍ଲାର ଝନେ ନାଁକରା କଲେଜ୍ ଅଧକ୍ଷ । ମୁଖିଆ ବକ୍‌ତା ହରିପ୍ରସାଦ ବଲି ଝନେ ଆଗ୍‌ଧାଡ଼ିର ସମାଜ୍‌ସେବୀ । ଅଭିନଂଦନ୍ ସଭାଟା ଅଧାଘଂଟା ଡେରି ଥି ଆରମ୍ ହେଇକରି ଆଗ୍‌କେ ବଢ଼୍‌ଲା । ମୁଖିଆ ବକ୍‌ତାକଁର ପାଲି ଆଏଲାକେ, ହରିପ୍ରସାଦ ବାବୁ ଠିଆ ହେଲେ । ସଭାସମିତିନେ ମାଇକ୍ ସାମ୍‌ନେ କହେବାର୍‌ଟା ତାକର ଲାଗି ନୂଆଁ ନୁହେଁ । ମାଇକ୍ ଧର୍‌ଲେ ବାର୍‌ବାର୍ ତାଁକୁ ସାରୁନ୍ ବଲି ଅନୁରୋଧ କରାହେସି । ହେଲେ, ସେ ଭାବ୍‌ସନ ତାଁକୁ ମୁଖିଆ ବକ୍‌ତା ହିସାବେ ଡକା ହେଇଛେ ବଏଲେ ଘଡ଼େ ମିତାନ୍ ବିଧିମତ୍ କହେବେ । ତ’ ହରିପ୍ରସାଦ ବାବୁ ଭାଷଣ୍ ଆରମ କଲେ । ମଂଚ୍ ଉପ୍‌ରେ ଅତିଥିମାନଙ୍କୁଁ ସଂବୋଧନ କଲେ । ଧଏନ୍‌ବାଦ ଭି ଦେଲେ ତାଁକୁ ମୁଖିଆ ବକ୍‌ତା କରିଥିବାର ଲାଗି । ପ୍ରଗତି ପବ୍ଲିକ ସ୍କୁଲର ସଭାଗାର ଖଚାଖଚ୍ ଭରତି ହେଇଥାଏ । ଯେନ୍‌ମାନେ ବଢ଼ିଆ ନଂବର ରଖିକରି ପାଶ୍ କରିଥା’ନ, ସାଧା ପାଶ୍ କରିଥା’ନ ଆରୁ ଫେଲ୍ ହେଇଥା’ନ--ସବୁ କିସମର ଛାତ୍ରଛାତ୍ରୀ ସେନେ ମହଜୁଦ୍ ଥାଅନ୍ ।

ପାଶ୍ କଲା ଛାତ୍ରଛାତ୍ରୀ ମାନଙ୍କୁଁ ମୁଖିଆ ବକ୍‌ତା ହୁରୁଦ୍ ଭିତ୍‌ରୁ ଅଭିନଂଦନ କଲେ । ସେମାନଙ୍କର ଉଜଲ୍ ଭବିଷତ୍ ଲାଗି ଶୁଭେଚ୍ଛା ଜନାଲେ ଆରୁ କହେଲେ, ଭବିଷତେ ତମେମାନେ ଜୀବନ୍‌ଥି ଆଇ.ଏ.ଏସ୍., ଓ.ଏ.ଏସ୍, ଅଧ୍ୟାପକ, ଶିକ୍ଷକ, ଇଂଜିନିୟର, ଡାକ୍ତର, ଉକିଲ, ବେଁକ୍ ଅଫିସର, କଂପାନୀ ମେନେଜର ଆରୁ ସେନାବାହିନୀର୍ ଅଫିସର୍ ପଦେ ପ୍ରତିଷ୍ଠିତ ହେବାର ଲାଗି ଆଗ୍‌ତୁରା ବହୁତ୍ ବହୁତ୍ ବଧେଇ । ହାର୍‌ଦିକ ଶୁଭ୍‌କାମ୍‌ନା ରହେଲା । ବଡ଼ଭାଗୀ ଶ୍ରୋତା ତାଲି ମାରିକରି ଶୁଭେଚ୍ଛାକେ ସ୍ୱାଗତ୍ କଲେ । ମାତର୍‌କ ଯେନ୍ କେତେ ଝନ ଫେଲ୍ ଛାତ୍ରଛାତ୍ରୀ ସଭାନେ ବସିଥିଲେ, ସେମାନଙ୍କର ମୁହେଁ ହତାଶ୍‌ଭାବଟେ ପହଁରିଗଲା । ଜୀବନ୍‌ଟା ମାଏଟ୍ ହେଇଗଲା ବଲି ସେମାନେ ଭାବ୍‌ଲେ । ବୁଆ ମାଁ ମାନକର୍ ନୁ ସେମାନେ ଯେତ୍‌କି ହତାଦର ପାଇଥିଲେ, ସାଂଗ ସାଥୀ ମାନକଁର୍‌ନୁ ସେତ୍‌କି ଅପମାନ ପାଇଥିଲେ । ମୁଖିଆ ବକ୍‌ତା ପାଶ୍ କଲା ପିଲାକୁଁ ଯେତ୍‌କି ପରଶଁସା କଲେ, ଫେଲ୍ ପିଲାମାନକଁର କଟା ଘା’ ନେ ସେତ୍‌କି ଚୁନ୍ ଦେଲା ମିତାନ ଲାଗ୍‌ଲା । ସେଥିର ଲାଗି, ଫେଲ୍‌ବାଲେ ସଭାଗାର୍‌ନୁ ପଲାବାକେ ଝନେ ଝନେ କରି ଠିଆ ହେଲେ । ସେମାନେ କିଏ ବଲି ଜାନ୍‌ଲା ପଛେ, ମୁଖିଆ ବକ୍‌ତା ସେମାନଙ୍କୁଁ ହାତ୍ ହଲେଇକରି ନିଜର୍ ନିଜର୍ ଜାଗାନେ ବସ୍‌ବାକେ କହେଲେ । ତମର ଲାଗି ଭି ମୁଇଁ ଦୁଇପଦ୍ କହୁଛେଁ, ଶୁନ’ ବଏଲେ ।

ହରିପ୍ରସାଦ୍ ବାବୁ ଟେବୁଲେ ଥୁଆ ହେଇଥିବାର୍ ଗିଲାସ୍‌ନୁ ପାଏନ୍ ଢୁକେ ପିଇଲେ । ମାଇକ୍‌କେ ଟିକେ ସଲ୍‌ଖାଲେ । ବଏଲେ,ଯେନ୍ ପୁଓ ଝି’ମାନେ ପରୀକ୍ଷାନେ ଫେଲ୍ ହେଇଗଲ, ସେମାନଙ୍କୁଁ ଭି ମୁଇଁ ଆଗ୍‌ତୁରା ବଧେଇ ଆରୁ ଶୁଭ୍‌କାମନା ଜନଉଛେଁ । ପାଠ୍ ପଢ଼ା ପରୀକ୍ଷାନେ ଫେଲ୍ ହେଇଗଲେ, ତମେମାନେ ନାଇଁ ଭାବ’ ଯେ ଜୀବନ୍ ଲଢ଼େଇନେ ହାରିଗଲ । ପୁର୍‌ଥୀର କେତେନି କେତେ ଲୋକ ପରୀକ୍ଷାନେ ଫେଲ୍ ହେଇକରି ମହାପୁରୁଷ୍ ହେଇ ପାରିଛନ୍ । ତମେ ଜାନିଛ ଯେ, ବିଫଲ୍‌ତା ଏକା ସଫଲ୍‌ତାର ପହେଲା ପାହାଚ୍ ଆଏ । ସାଏକଲ୍ ଚଲେଇ ପାର୍‌ବାର ଉତ୍‌ରୁ ମଟର ଗାଡ଼ି ଚଲାବ, ଉଡ଼ାଜାହାଜେ ଉଡ୍‌ବ । ଆରୁ ଘାଏ ପରୀକ୍ଷା ଦେଲେ ନିଶ୍ଚେ ପାଶ୍ ହେବ ତମେମାନେ । ଯଦି ଆଗ୍‌କେ ପଢ଼୍‌ବାକେ ଚାହେଁବ ତ’ ଭଲ୍ କଥା । ନାଇଁ ହେଲେ ରାଜନୀତି କେ ପେଶା କର୍‌ବାକେ ଚାହେଁଲେ ଭି କେନ୍‌ସି ଅସୁବିଧା ନାଇଁ ହୁଏ । ଅନେକ ରାଜ୍‌ନେତାକଁର ତ’ ଏକ୍‌ସେ ଏକ ବଡ୍ ବଡ୍ ଶିକ୍ଷାଗତ ଡିଗ୍‌ରୀ ଅଛେ ଆରୁ କେତେ ଝନ୍ ଉଜନ୍‌ଦାର ନେତାକଁର ଶିକ୍ଷାଗତ୍ ଯୋଗ୍ୟତା ମାମୁଲି ଆଏ । ସେଥିର ଲାଗି, ତମେ ଫେଲ୍ ହେଲା ଛାତ୍ରଛାତ୍ରୀ ଚାହେଁବ ବଏଲେ, ପଂଚାଏତ୍ ସ୍ତରନୁ କେଂନ୍ଦ୍ର ସ୍ତରୀୟ ସବୁ ରାଜ୍‌ନୀତି କ୍ଷେତ୍ରନେ ପେହେଚାନ୍ ବନେଇ ପାର୍‌ବ । ଜୋଡ୍ ତୋଡ୍ କରିପାର୍‌ବ ବଏଲେ ସରପଁଚ୍, ବ୍ଲକ ଅଧକ୍ଷ, ପୌର ପରିଷଦ ଅଧକ୍ଷ, ମହାନଗର ଅଧକ୍ଷେ, ବିଧାୟକ, ସାଂସଦ, ରାଜ୍ୟପାଲ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ହେଇକରି ଦେଶର ସେବା କରିପାର୍‌ବ । କଠିନ୍ ପରିଶରମ୍ କରି ବୁଧି ଖଟେଇ ପାର୍‌ବ ବଏଲେ ଦେଶର ପ୍ରଧାନମନ୍ତ୍ରୀ ଆରୁ ରାଷ୍ଟ୍ରପତି ଚଉକିନେ ବସ୍‌ବାର ଟା ଭି ଅସଂଭବ ନୁହେଁ ଆଏ ।

ଫେଲ୍ ଛାତ୍ରଛାତ୍ରୀକଁର ଲାଗି ଥିବାର ସୁଯୋଗ କେ ଜାନିକରି ସେନ୍ତା ଛୁଆମାନକଁର ମୁହେଁ ହତାଶ୍ ଭାବ୍ ଉଭି ଯାଇକରି ଆଶାର କିରନ୍‌ଟେ ଝଲ୍‌ସି ଉଠ୍‌ଲା । ସଭେ ଭାବୁଥିଲେ, ସେତ୍‌କି କହି କରି ମୁଖିଆ ବକ୍‌ତା ତାଁକର ଭାଷଣ୍‌ର ପୂରନ୍‌ଛେଦ୍ ପକାବେ । ହେଲେ, ସେ ପାଏନ୍ ଟିକେ ଫେର୍ ପି’ଲେ ଆରୁ କଥାକେ ଲମାଲେ ଆଗ୍‌କେ । ହରିପ୍ରସାଦ ରାଜ୍‌ନେତାମାନକଁର ସରକାରୀ ସୁବିଧା ସୁଯୋଗ ଉପ୍‌ରେ ସଭାନେ କହେବାକେ ନାଇଁ ଚାହୁଁଥିଲେ ଭି କହି ପକାଲେ । ତୁଲନା କଲେ ନଉକିରିଆ ମାନକଁର ସାଂଗେ ରାଜନେତାମାନଙ୍କୁଁ । ନଉକିରିଆ ମାନେ ଷାଠେ ପଏଁଷଠି ବର୍‌ଷେ ନଉକିରୀନୁ ଅବସର ନେଲେ, ନେତାମାନେ ଜାଁଥିବାର୍ ତକ୍ ନିଜର୍ ପଦ ପଦବୀଥି ରହି ପାର୍‌ସନ । ଥରେ ଅଧେ ବିଧାୟକ କି ସାଂସଦ୍ ହେଇଗଲେ, ଜୀବନ୍‌ଯାକ ମୁଟା ପେନ୍‌ସନ ପକେଟ୍ ଥି ଭରତି କର୍‌ସନ । କେନ୍‌ସି ଅସାମାଜିକ ଅନୀତି କାମ୍‌ର୍ କାଜେ ଜେହେଲ୍ ଘରେ ଥିଲେ ଭି ନିର୍‌ବାଚନ ଲଢ଼ି ପାର୍‌ସନ । ପାବଂଦୀ ନାଇଁ ।

ଫେଲ୍ ହେଲା ଛୁଆକୁ ତହଁକ୍ ଦେବାକେ ମୁଖିଆ ବକ୍‌ତା ଫେର୍ କହେଲେ । ରାଜ୍‌ନେତା ହେବ ବଏଲେ, ଗାଡ଼ିମଟର, ଘରଦୁଆର, ଖାନାପିନା, ନଉକର ଚାକର ଆରୁ ବିଦ୍ୟୁତ୍ ବିଲ୍, ପାଏନ୍ ବିଲ୍, ଟେଲିଫୁନେ ବାତ୍‌ଚିତ୍ ଲାଗି ରିହାତି ଉପ୍‌ରେ ରିହାତି ଅଛେ । ରଡ଼ିକରି ଯାହାକେ ଯାହା ଗାଲି ଦେଲେ ଭି ଦୋଷ୍ ବଲି ଧରା ନାଇଁ ଯାଏ । ବିଧାନସଭା କି ସଂସଦ ଭବ୍‌ନେ ଅଧିବେଶନ ବେଲେ କାମ୍‌କାଜ୍ କେ ଯେ’ ଯେତ୍‌କି ଅଚଲ କରି ପାର୍‌ଲେ, ସେ ସତ୍‌କି ଲୋକପ୍ରିୟ ହେସନ । ପ୍ରତିପକ୍ଷ ନେତାମାନଙ୍କୁଁ ଯଦି ଦୁର୍ଯ୍ୟୋଧନ, କଂସ, ରାବଣ କି ସୂର୍ପନଖା ସାଂଗେ ତୁଲ୍‌ନା କରି ଗାଲି ଦେଇପାର୍‌ବ ବଏଲେ ସେତ୍‌କି ଉଜନ୍‌ଦାର ଭାଷଣ୍ ବଲି ଲୁକେ ବୁଝସନ । ଖାଲି ସେତ୍‌କି ନାଇଁ । ଝନେ ରାଜ୍‌ନେତାଟେ ହେଇଗଲେ, ଚାହେଁଲେ ରଜା କି ରାନୀ ମିତାନ୍, ନିଜର ପିଢ଼ିକେ ପିଢ଼ି ରାଜଗାଦି ନେ ବସେଇ ପାର୍‌ବ । କାଏଁଯେ ବଏଲେ ଆମର ଗଣତନ୍ତ୍ର ଗୁଟେ ଲୁକ୍‌ନିଆ ରାଜତନ୍ତ୍ର ଆଏ । ପିଲାମାନେ ! ତମେ ଭବିଷତେ ରାଜନେତା ହେବ ବଏଲେ, ଗୁଟେ ଦଲ୍‌ନୁ ଆରୁଗୁଟେ ଦଲ୍‌କେ ମନ୍‌କଲେ ଡ଼େଗିପାର୍‌ବ । ନୂଆଁ ଦଲ୍‌ଟେ ଗଢ଼ିପାର୍‌ବ ।

ହରିପ୍ରସାଦ ବାବୁ ଭାଷଣର ଶେଷ୍ ଭାଗ୍‌କେ ଆଏଲେ । ବାର’ କିଲାସ ପାଶ୍ ପିଲାକୁଁ ଆର୍ ଘାଏ ଅଭିନଂଦନ ଜନାଲେ । ଫେଲ୍ ପିଲାମାନଙ୍କୁଁ ଭି ରାଜ୍‌ନେତା, ଜନନାୟକ ହେବେ ବଲି ବଧେଇ ଜନାଲେ । ଭାଷଣ ଶୁନିକରି କେତେଟା ଫେଲ୍ ପିଲାର ମନ୍‌କେ ନାଇଁଗଲା ମିତାନ୍ ଲାଗ୍‌ଲା । ସେମାନେ ମୁଖିଆ ବକ୍‌ତାକଁର ପାଶ୍‌କେ ଯାଇକରି "ହରିପ୍ରସାଦ ବାବୁ ମୁର୍‌ଦା ବାଦ୍" ବଲି ଜୋର୍‌ସେ ନାରା ଲଗାଲେ । ତାଁକର ମାଇକ୍‌କେ ଘିଚି ଆନ୍‌ଲେ । ବକ୍‌ବାସ ବଂଦ କରୁନ ବଏଲେ । ଆମକୁ ଆପଣ ଆଶିରବାଦ୍ ନାଁଥି ଅଭିଶାପ ଦଉଛନ୍ ବଲିକରି ଅଭିଯୋଗ କଲେ । ହରିପ୍ରସାଦ ବାବୁ ଭି ଦବି ଯିବାର ସମାଜସେବୀ ନୁହଁନ୍ । ସେ ଭି ରଡ଼ି ରଡ଼ି ବଏଲେ, ତମେ ଫେଲ୍ ପିଲାମାନକଁର ରାଜ୍‌ନେତା ହେବାର ସବୁ ଗୁନ୍ ଅଛେ । ମତେ ପ୍ରତିବାଦ୍ କରି କରି ତମର ନେତା ହେବାର ଯଥେଷ୍ଟ ପରିଚଏ ଦେଇସାରିଛ । ଧଏନ୍‌ବାଦ ।

ସ୍ୱାଧୀନପଡ଼ା, ଟିଟିଲାଗଡ଼
ମୋ.ନଂ.: ୯୪୩୭୪୨୯୪୮୯

# ଆମର୍ ଗାଁ

ଚତୁର୍ଭୁଜ ସାଆନ୍ତ

ଜିଁତୁ ଗିଲ୍‌ଲା ବୁଢ଼ାସାଁପ୍ ଲେଖେଁ
ଥମିଲ୍ ହେଇ ଯଉଛେ ବୁହି
ସାଗୁଆ ଧାନ୍ ଖେତ୍ ତରେ ତରେ
ଫଲ୍‌ସା ଜୋର୍
କନେର୍ ଘାଁସ୍ କୁଟ୍ ବହଲ୍
ପୋଡ୍ ଭଁଇସ୍ ଗହଲ୍ ଚହଲ୍
ଅମ୍‌ରି ବୁଟା ଜୋର୍‌ସୋର୍ ।

ଜୋର୍ ତରେ ତରେ ବଁକ୍ ହଟ୍‌ଲି
କେଁ କାଁ ଉସତର୍ ଗହଲି ଚହଲି
ଯଉଛେ ଉଛ୍‌ଲି
ବଉଲ୍ ପୂର୍‌ତୁନ୍ ଆମ୍ ଗଛ୍ ଡାହି
କୁଇଲି ରାନୀ ହୁଲାହୁଲି, କରୁଛେ କେଲି
ରଙ୍ଗ ରଙ୍ଗିଆ ପତର୍ କଅଁଳି
ଧୁକାର୍ ତାଲେ ଖେଲୁଛେ ଦୁଲି ।

ରୂପ୍ ରଙ୍ଗିଆ ଉଢ୍‌ନା ତଲେ
ଟଲ୍‌ମଲଉଛେ ମହୁ,
ନୂଆଁ ଭୁଆସେନ୍ ମୁହୁଁ
ଦିଶୁଥିସି ଆମର୍ ଗାଁ
ଜନମ୍ ମରନର୍ ନାଁ ।

ବୁଢ଼ା ଡଙ୍ଗର୍ ତଲେ
ବେଲ୍ ସୁନ୍ଦରୀ ବେଲେ
ହାଇ ମାରୁଛେ ହୁଁଡ଼ାର୍
କନ୍ଧପରାର୍ ଛେଲ୍‌ଛୁଆ ମେଁ ମେଁ
ନଜର୍ ନାଇଁନ’ କାହାର୍ ।

ହେ ଯେନ୍ ଦେଖୁଛ
ଆମର୍ ପରାର୍ ନାଇଁନ’ ଅନ୍ଧାର୍
ସୁନାରୀ ଫୁଲ୍ ରଙ୍ଗର୍ ମୁହୁଁ କୁନ୍ଦରି
ଜୁନ୍‌ହାଁ ଧାଙ୍ଗରି
ନାଇଁହଏ କେଭେ ଲୁଭେ
ଶାଢ଼ୀ ସୁନା ସାଜୋ ଗହନା
ନାଇଁ ଯାଏ କେଭେ କୁନୁଆଁ ପହନା
ସପନ୍ ଭରମ୍ ରମନ୍ ନିର୍ବିକାର୍
ଅପ୍‌ନେ ଅପ୍‌ନାର୍ ସାଁକାର୍ ।

ରାଏତ୍ ଆର’ ଦିନ୍‌କେ
ମାଜୁଛେ କରି ଖୁରିଗିନା
ମନ୍ ନାଇଁକରେ କେଭେ ଉନା
ମୁଟେ ନି ବାହାରେ ଭଁଟାକେ
ହାଟ୍‌କେ କି ଘରର୍ ବାଟ୍‌କେ
କେନ୍ ହବ୍‌ଡ଼େଇଛେ ଭାଏଲ୍
ତାର୍ ସାତ୍‌ତାଲର୍ ଫରୁଆକେ ।

ଗାଇ ଜାନ୍‌ସି ନାଚି ଜାନ୍‌ସି
ନଚେଇ ଜାନ୍‌ସି କନ୍ଦେଇ କନ୍ଦେଇ
ରଗ୍‌ରଗା ଜୁଏ ଲୁଠି ଟେ
ଛିଇଁଲେ ପୁଡ଼୍‌ବ ଏକା ପୁଡ଼୍‌ବ’
ପାହେ ଘୁଚି କରି ରହିଥ’ ହୋ’ ।
ଗାଁ ମଝାଖୁଲି
ଜଗନ୍ନାଥ ଗୁଡ଼ି ରଙ୍ଗ୍ ହଲ୍‌ଦିଆ ନୀଲି,
ଚକା ଚକା ଆଁଖି, କହୁଛେ ଖୁଲି
ତୁମ୍‌ପରି ଦେଖୁଥା’, କରୁଥା’, ମାନୁଥା’
ଶୁନୁଥା’ ଗୁନୁଥା’ ....
ଇନୁ ସେନିକେ ନି କର୍ କଥା
ବାଲ୍‌ଭୋଗ୍ ଆଲ୍‌ତି ପଉଥା’ ।

ସକାଲ୍‌ପୁହା କେ
ଛାତିର୍ ମାଏଟ୍ ଥି ପାହାଚିନ୍‌ହାଁ
ସବୁ ଜୁନ୍‌ହାଁ, ଅପ୍‌ନା ଅପ୍‌ନା
ମୁଡୁ ଝାଲ୍ ପୁଛି, ଅଁଟାଥି କପ୍‌ଟା ଖୁଚି
କପାଲେ, ପେଟେ, ଅଁଟେ
କାଦୋ ଥି କପ୍‌ଟା ସର୍‌ସରା
ମୁଡ୍ ଉପ୍‌ରେ ବେଲ୍ ଉଡ଼ିଛେ
ମେଘର୍ ପଛ୍‌ରା ।

ଭୋକ୍ ନୁରୁଛେ ବାସି ପଖାଲ୍
ଇ କାଲୁ ସେ କାଲ୍
ନୁନ୍ ମିର୍‌ଚା ଉଇଲ୍
ଶୁଖା ଝୁରି, ହେଁଡୁଆ...
ମୁନ୍‌ଗା ଶାଗ୍, ବିହିଡ଼େନ୍ ଛତି
ଇ’ଟା ତ’ ଆମର୍ ଥିତି
ତୋର୍ ଭୁକର୍ ମୁହୁଁ
ଅଉଲ୍ ଦିଶ୍‌ବା ଗା’, ମୁଠେ ଖା’
ତୁଇ ହଁସ୍‌ଲେ ମାଏଟ୍ ହସ୍‌ବା
ଗାଁ ମହ ମହ ହେଇ ମହକିବା ।

ଗାଁ ମୁଡ଼୍‌ସା ଛିନା ଛିନା
ମେଘେ ନାଇଁନ’ ଗୁଠେ ବନା
ଭଅଁରି ଖେଲୁଛେ ଚିଲ୍
ମେନା ବୁଢ଼ାର୍ କୁକ୍‌ରା ଚିଆଁ
ରଏବାର୍ ହାଟେ ବିକିଥିତା ପରେ
ପନ୍ଦର ପଟୁ ଦୁଇ ପଟ ବାକି ଅଛନ୍
କପାଲ୍ କେ ବାଜିଛେ ଢେଲ୍ ।

ଅହଁକାର୍ ଶୁଇଛେ ଆମ୍ ବୁରେଇ
ବହଲ୍ ଛାଇ
ଦେଖୁଛେ ସପନ୍ ମନ୍ କେ ମନ୍
କର୍‌ଲାପତ୍‌ରିଆ ବାଘ୍ ମଖ୍‌ମଲ୍ ଦିହିଁ
ସଁଲେଇ ସଁଲେଇ
ହଜିଗଲାନ’ ଦିନ, ମେଟିଗଲା ଦଶ୍‌ରା ପୁନି
ଜନିଫୁଲର୍ କୁଆଁରୀ ଦିହିଁ
ଜନ୍ କେ ଚାହିଁ
ଥିପି ପଡୁଥିଲା ହଁସର ମହୁ
ସେ କଥା ହେତ୍‌କି ଥଉ ।।



## ରୁଷ ଆକ୍ରମଣରେ ୨୦୦ରୁ ଅଧିକ ନିରୀହ ୟୁକ୍ରେନୀ ନିହତ
# କିଭ୍‌କୁ ଅକ୍ତିଆର କରିବାକୁ ରୁଷର ପ୍ରଚଣ୍ଡ ପ୍ରଚେଷ୍ଟା



କିଭ୍ : ରୁଷର ନୃସଂଶ ଆକ୍ରମଣରେ ୟୁକ୍ରେନର ସାଧାରଣ ଜନତାଙ୍କ ଜୀବନ ବାଜିରେ ଲାଗିଛି । ରାଜଧାନୀ କିଭ୍‌ର ରାସ୍ତା ଉପରେ ଶହ ଶହ ରୁଷ ଟ୍ୟାଙ୍କର ଘୁରି ବୁଲୁଥିବା ବେଳେ ଆକାଶରେ ଉଡୁଛି ଶହ ଶହ ଯୁଦ୍ଧ ବିମାନ । ରକେଟ ବୋମାମାଡରେ ରାଜଧାନୀ କିଭ୍‌ର ଉଚ୍ଚତମ ଅଟ୍ଟାଳିକାଗୁଡିକ ଧୂଳିସାତ ହେବାରେ ଲାଗିଛି । ଲୋକେ ଭୟଭୀତ ହୋଇ ହଜାର ହଜାର ସଂଖ୍ୟାରେ ପଡୋଶୀ ଦେଶଗୁଡିକୁ ଆଶ୍ରୟ ନେବା ପାଇଁ ଚାଲିଯାଉଥିବା ଦୃଶ୍ୟ ମଧ ଦେଖିବାକୁ ମିଳୁଛି ୟୁକ୍ରେନ୍‌ରେ ।

ୟୁକ୍ରେନର ସମସ୍ତ ବଡ ବଡ ସହର ଉପରେ ରୁଷ ପକ୍ଷରୁ ନଛୋଡବନ୍ଧା ଆକ୍ରମଣ ଯୋଗୁଁ ଧ୍ୱସ୍ତ ବିଧ୍ୱସ୍ତ ଏବେ ୟୁକ୍ରେନ । ତଥାପି ୟୁକ୍ରେନ ରାଷ୍ଟ୍ରପତି ଆତ୍ମସମର୍ପଣ କରିବା ଭଳି ମାନସିକତାରେ ନଥିବା ଦେଖିବାକୁ ମିଳୁଛି । ରୁଷର ୧୦୦୦ରୁ ଅଧିକ ସୈନ୍ୟଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ୟୁକ୍ରେନ ସୈନ୍ୟ ମାରିଥିବା ୟୁକ୍ରେନ ଦାବୀ କରିଛି । ସେହିପରି ରୁଷକୁ ମୁହଁତୋଡ୍ ଜବାବ ଦେବାକୁ ସଂଘର୍ଷ ଜାରି ରଖିଛି ୟୁକ୍ରେନ ।

## ଓଡ଼ିଶାର ଇସ୍ପାତ କମ୍ପାନୀଙ୍କ ସହିତ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା : ଇସ୍ପାତ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ - ରାମଚନ୍ଦ୍ର ପ୍ରସାଦ ସିଂ




ଭୁବନେଶ୍ୱର, (ପିଆଇବି) : ଇସ୍ପାତ ମନ୍ତ୍ରଣାଳୟ ଓଡିଶାର ଇସ୍ପାତ କମ୍ପାନୀଗୁଡିକ ସହିତ ଏକ ମତ ବିନିମୟ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି । ଆଜି ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଓଡିଶାରେ ଥିବା ପ୍ରାଥମିକ ଓ ଦ୍ୱିତୀୟକ ଇସ୍ପାତ କମ୍ପାନୀର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ଇସ୍ପାତ କ୍ଷେତ୍ରରେ ଦେଖା ଦେଉଥିବା ଆହ୍ୱାନଗୁଡିକୁ କମ୍ପାନୀ ଅଧିକାରୀମାନେ ଉପସ୍ଥାପନ କରିଥିଲେ, ଯେଉଁଥିରେ ଏହି ଶିଳ୍ପ ପାଇଁ ଏକ ଉତ୍ତମ ପରିସଂସ୍ଥାନ ବିଶେଷ ଭାବରେ ପୁଞ୍ଜି, କଂଚାମାଲ ଯୋଗାଣ, ଯୋଗାଯୋଗ ସୁବିଧା ଓ ଦ୍ୱିତୀୟକ କମ୍ପାନୀ ଗୁଡ଼ିକ ପାଇଁ ସହାୟତା ଅନ୍ତର୍ଭୁକ୍ତ ଥିଲା ।

ଏହି ଅଧିବେଶନକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସିଂ ଇସ୍ପାତ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି କହିଛନ୍ତି । ୱାର୍ଲ୍ଡ ସ୍କିଲ୍ ସେଂଟର, ଭୁବନେଶ୍ୱର ଭଳି ଅନୁଷ୍ଠାନ ମାଧ୍ୟମରେ ଓଡ଼ିଶା ସରକାର ଦକ୍ଷତା ବିକାଶ ଉପରେ ସଠିକ୍ ଧ୍ୟାନ ଦେଇଛନ୍ତି, ଯାହାକି ବର୍ତ୍ତମାନ ସମୟରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ମଧ ଖଣିଜ, ପ୍ରାକୃତିକ ସମ୍ପଦ, ପରିବହନ ସୁବିଧା ତଥା ପର୍ଯ୍ୟାପ୍ତ ବିଦ୍ୟୁତ ଶକ୍ତି ରହିଛି, ଯାହାକି ଓଡ଼ିଶାକୁ ଏକ ଉତ୍କୃଷ୍ଟ ନିବେଶ ସ୍ଥାନରେ ପରିଣତ କରିଛି ବୋଲି ସେ କହିଛନ୍ତି । ମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ତଥା ଯୋଜନା ଯେପରିକି ଗତିଶକ୍ତି ମାଷ୍ଟରପ୍ଲାନ ଦ୍ୱାରା ଇସ୍ପାତ ବ୍ୟବହାର ବୃଦ୍ଧି ପାଇବ, ଯେଉଁଥିରେ ଦ୍ୱିତୀୟକ ଇସ୍ପାତ କ୍ଷେତ୍ରର ଅବଦାନ ବହୁତ ଅଧିକ ହେବ । ଏହି କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେଉଛି ବୋଲି ମଧ ସେ ସୂଚନା ଦେଇଥିଲେ ।

ମନ୍ତ୍ରଣାଳୟର ଅଧିକାରୀମାନେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଇସ୍ପାତ ଶିଳ୍ପ ସମସ୍ୟାର ସମାଧାନ ପାଇଁ ସରକାର ସକ୍ରିୟ ଭାବରେ ସମସ୍ତ ପଦକ୍ଷେପ ନେଉଛନ୍ତି ଏବଂ ଏହି ଉଦ୍ୟୋଗରେ ବିଶେଷ ଭାବରେ ଦ୍ୱିତୀୟକ ଇସ୍ପାତ କମ୍ପାନୀଗୁଡିକର ପ୍ରଗତିରେ ବାଧା ସୃଷ୍ଟି କରୁଥିବା ନିର୍ଦ୍ଦିଷ୍ଟ ବିଷୟ ଉପରେ ମତାମତ ଏବଂ ପରାମର୍ଶକୁ ସ୍ୱାଗତ କରିଛନ୍ତି । ଏହି ମତ ବିନିମୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଇସ୍ପାତ କମ୍ପାନୀ ଗୁଡିକର ପ୍ରତିନିଧି ଏବଂ ଇସ୍ପାତ ମନ୍ତ୍ରଣାଳୟ ଓ ରାଷ୍ଟ୍ରାୟତ ଉଦ୍‌ଯୋଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# କ୍ରିମିଆରେ ରୁଷ ସେନାକୁ ରୋକିବାକୁ ଯାଇ ନିଜକୁ ବ୍ରିଜ୍ ସହିତ ଉଡାଇ ଦେଲେ ୟୁକ୍ରେନୀ ସୈନିକ





କ୍ରିମିଆ : କ୍ରିମିଆରେ ଜଣେ ୟୁକ୍ରେନୀ ସୈନିକ ରୁଷ ସେନାକୁ ରୋକିବାକୁ ଯାଇ ନିଜକୁ ବ୍ରିଜ୍ ସହିତ ଉଡାଇ ଦେଇଥିବା ଖବର ଚାରିଆଡେ ଚର୍ଚ୍ଚାର ବିଷୟ ପାଲଟିଛି । 'ଦ ସନ୍'ର ଏକ ରିପୋର୍ଟ ଅନୁସାରେ, ୟୁକ୍ରେନୀ ସୈନିକଙ୍କର ଏହି ବାହାଦୁରୀ ପାଇଁ ତାଙ୍କୁ ଅନେକ କଷ୍ଟ ଉଠାଇବାକୁ ପଡିଛି । ନିଜକୁ ବ୍ରିଜ୍ ସହିତ ଉଡାଇ ଦେଇଛନ୍ତି । ଏହି ବୀର ଯବାନଙ୍କ ନାମ ହେଉଛି ଭିଟାଲି ଶକୁନ୍ । ଭିଟାଲି ଶକୁନ୍ କ୍ରିମିଆ ବୋର୍ଡର ଖେରସନ୍ ଅଂଚଳରେ ହେନିଚେସ୍କ ବ୍ରିଜ୍ ଉପରେ ନଜର ରଖିଥିବା ବେଳେ ଏହି ଘଟଣା ଘଟିଥିଲା । ଏହାକୁ ନେଇ ୟୁକ୍ରେନ୍ ଜେନେରାଲ୍ ଷ୍ଟାଫ୍ ଅଫ୍ ଦ ଆର୍ମଡ୍ ଫୋର୍ସ ନିଜ ଫେସବୁକ୍ ପେଜ୍‌ରେ କହିଛନ୍ତି ଯେ, ରୁଷ ସେନାକୁ ରୋକିବା ପାଇଁ ଏକମାତ୍ର ଉପାୟ ଥିଲା ବ୍ରିଜକୁ ଉଡାଇବା । ତେଣୁ ଯବାନ ବ୍ରିଜ୍‌ର ଚାରିପଟରୁ ବିସ୍ଫୋରକ ଲଗାଇ ଦେଇଥିଲେ ଓ ବ୍ରିଜ୍‌କୁ ଉଡାଇବା ସହ ନିଜକୁ ବି ଉଡାଇ ଦେଇଥିଲେ ।

# କର୍ମଚାରୀ ରାଜ୍ୟ ବୀମା ନିଗମର ୭୦ତମ ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର, (ନିପ୍ର) : କର୍ମଚାରୀ ରାଜ୍ୟ ବୀମା ନିଗମ ପକ୍ଷରୁ ୭୦ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଂଚଳିକ ନିର୍ଦ୍ଦେଶକ ପାର୍ଥସାରଥୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଆପୋଲୋ ହସ୍ପିଟାଲ୍‌ର ସିଇଓ ସୁଧୀର ଏମ୍ ଦିଗିକର୍, ଆମ୍ରି ହସ୍ପିଟାଲ୍‌ର ସିଇଓ ନୀଳାଞ୍ଜନା ମୁଖାର୍ଜୀ, ସମ୍ମାନିତ ଅତିଥି ଭାବେ ଇଏସ୍‌ଆଇସିର ରାଜ୍ୟ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଲାଲ୍ ମୋହନ ମିଶ୍ର ଓ ଇଏସ୍‌ଆଇସିର ଉପ ନିର୍ଦ୍ଦେଶକ ସୁକାନ୍ତ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ସାମାଜିକ ସୁରକ୍ଷା ଅଧିକାରୀ ମୌସୁମୀ ଦେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଭୁଦତ୍ତ ଓଝା, ସହାୟକ ନିର୍ଦ୍ଦେଶକ ବିଶ୍ୱମୋହନ ପାଣିଗ୍ରାହୀ, ସାମାଜିକ ସୁରକ୍ଷା ଅଧିକାରୀ ଦୁଃଖୀଶ୍ୟାମ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଶତାବ୍ଦୀ ତନୟା ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ କୋଭିଡ୍-୧୯ ରିଲିଫ୍ ସ୍କିମ୍ ଅନ୍ତର୍ଗତ ସୁବିଧା ତିନୋଟି ନିର୍ଭରଶୀଳ ପରିବାରକୁ ପ୍ରଦାନ କରାଯାଇଥିଲା । ଇଏସ୍‌ଆଇସି ପକ୍ଷରୁ କର୍ମଚାରୀଙ୍କ ପାଇଁ କରାଯାଉଥିବା ବହୁବିଧ ଯୋଜନା ଓ ତାହାର ସଫଳ ରୂପାୟନକୁ ଅତିଥିମାନେ ପ୍ରଶଂସା କରିଥିବା ବେଳେ ନିର୍ଦ୍ଦେଶକ ଶ୍ରୀ ପଣ୍ଡା ସୂଚନା ଦେଇ କହିଥିଲେ, ଇଏସ୍‌ଆଇ ଏକ ବହୁମୁଖୀ ସାମାଜିକ ସୁରକ୍ଷା ଯୋଜନା । ବର୍ତ୍ତମାନ ଓଡିଶାରେ ପ୍ରାୟ ୮ ଲକ୍ଷ ଇଏସ୍‌ଆଇ ହିତାଧିକାରୀ ରହିଛନ୍ତି । ଏହାକୁ ଆଗାମୀ ଦିନରେ ଅଧିକ ଲୋକ ଉପଯୋଗୀ କରିବା, ହିତାଧିକାରୀମାନଙ୍କ ନିକଟରେ ସହଜ ଓ ସୁବିଧାରେ ଯୋଜନା ପହଂଚାଇବା ପାଇଁ ପ୍ରୟାସ ଜାରି ରହିବ ବୋଲି କହିଥିଲେ ।

# ପୁଣି ସାମ୍ନାକୁ ଆସିଲା ଦାଦନ ଦୁଃଖ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଏକ ଦାଦନ ପ୍ରବଣ ଅଂଚଳ ଭାବେ ବେଶ୍ ଜଣାଶୁଣା । ଏଠାକାର ଲୋକେ କାମଧନ୍ଦା ନପାଇ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ବିଭିନ୍ନ ସମୟରେ ସେଠାରେ ଭାଟି ମାଲିକ ମାନଙ୍କ ଦ୍ୱାରା ନିର୍ଯ୍ୟାତିତ ମଧ ହୋଇଥାନ୍ତି । ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ସରେଇବାହାଲ ଗ୍ରାମର ହେମନ୍ତ ସୁନା ଏବଂ ତାଙ୍କ ସ୍ତ୍ରୀ ୫ ବର୍ଷର ପୁଅ ପେରୋଡ଼ିକ୍ସ ସୁନାକୁ ନେଇ ଲାଠୋର ଗାଁର ଦାଦନ ସର୍ଦ୍ଦାର ପଦ୍ମନାଭ ନାଏକଙ୍କ ଜରିଆରେ ତେଲେଙ୍ଗାନା ରାଜ୍ୟର ପାଇଦାପଲିକୁ ଇଟା ଭାଟିରେ କାମ କରିବାକୁ ଯାଇଥିବା ବେଳେ ଗତ କିଛି ଦିନ ତଳେ ସେଠାରେ କାମ କଲା ସମୟରେ ଏକ ଟ୍ରକ ଚାପାରେ ପୁଅ ପେରୋଡିକ୍ସର ମୃତ୍ୟୁ ହୋଇଯାଇଥିଲା । ଘଟଣାକୁ ଲୁଚାଇବାକୁ ଯାଇ ଭାଟି ମାଲିକ ପରିବାର ଲୋକଙ୍କୁ ମୃତ ପେରୋଡ଼ିକ୍ସର ଶବକୁ ମଧ ଦେଇନଥିଲା ଏବଂ ଜେସିବି ସାହାଯ୍ୟରେ ଗାତ ଖୋଳି ଶବକୁ ପୋତି ଦେଇଥିଲା । ଏ ବିଷୟରେ କାହାରିକୁ ପ୍ରକାଶ ନକରିବାକୁ ଧମକ ଚମକ ଦେଇ ଉକ୍ତ ପରିବାରର ଆଧାର କାର୍ଡ ନେଇ ଯାଇଥିଲେ । ପରେ ହେମନ୍ତ ସୁନା ଏବଂ ତାଙ୍କ ସ୍ତ୍ରୀ କୌଶଳ କ୍ରମେ ସେଠାରୁ ଲୁଚି ନିଜ ଗ୍ରାମ ସରେଇବାହାଲକୁ ଚାଲି ଆସିଥିଲେ । ସେମାନେ ଭୟଭୀତ ଅବସ୍ଥାରେ ଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ । ଏ ବିଷୟକୁ ପାଟଣାଗଡ଼ର ଜନୈକା ସମାଜସେବୀ ତଥା ଓକିଲ ଟ୍ୱିଟ ଜରିଆରେ ପରିବାର ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ପ୍ରଶାସନକୁ ଜଣାଇଛନ୍ତି ।

# ବାଜି ମାରିଲେ ମାଆ ପୁଅ : ପିପିର୍ଡ଼ା ଏବଂ ଛତାମଖନା ପଂଚାୟତର ଗୀତାଞ୍ଜଳି ମିଶ୍ର ଓ ସ୍ମାରକ ମିଶ୍ର ବିଜୟୀ



ବଲାଙ୍ଗିର, (ନିପ୍ର) : ନିର୍ବାଚନ ପୂର୍ବରୁ ଚର୍ଚ୍ଚାରେ ଥିବା ପିପିର୍ଡ଼ା ଏବଂ ଛତାମଖନା ପଂଚାୟତ ସମିତିରେ ଗୋଟିଏ ମା’ ପୁଅ ଯୋଡ଼ି ପରାଜୟବରଣ କରିଥିବା ବେଳେ ଅନ୍ୟ ଏକ ମା’ ପୁଅ ଯୋଡ଼ି ବାଜି ମାରି ନେଇଛନ୍ତି । ଛତାମଖନା ପଂଚାୟତ ସମିତିରେ ଗୀତାଞ୍ଜଳି ମିଶ୍ର ୧୦୩ଟି ଭୋଟ ବ୍ୟବଧାନରେ ଜ୍ୟୋସ୍ନାମୟୀ ମିଶ୍ରଙ୍କୁ ପରାଜୟ କରିଥିବା ବେଳେ ସ୍ମାରକ ମିଶ୍ର ୩୬ଟି ଭୋଟ ବ୍ୟବଧାନରେ ସିଦ୍ଧାର୍ଥ ମିଶ୍ରଙ୍କୁ ହରାଇ ବିଜୟୀ ହୋଇଛନ୍ତି । ସିଦ୍ଧାର୍ଥ ୧୦୦୯ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ମାରକ ୧୦୪୫ ଖଣ୍ଡ ଭୋଟ ପାଇଥିଲେ । ସେହିପରି ଜ୍ୟୋସ୍ନାମୟୀ ୧୪୬୬ ଖଣ୍ଡ ଭୋଟ ପାଇଥିବା ବେଳେ ଗୀତାଞ୍ଜଳି ମିଶ୍ର ୧୫୭୦ ଖଣ୍ଡ ଭୋଟ ପାଇଛନ୍ତି ।

# ବିଜେଡିର ମିଶ୍ରଣ ପର୍ବ ଓ ପୌର ନିର୍ବାଚନ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ




ଗଞ୍ଜାମ, (ନିପ୍ର) : ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଶେଷ ହେଉ ହେଉ ଗଞ୍ଜାମ ସହରରେ ବିଜେଡିର ବାଜିଲା ପୌର ନିର୍ବାଚନ ବିଗୁଲ । ଆସନ୍ତା ମାର୍ଚ୍ଚ ୨୪ରେ ପୌରାଂଚଳ ନିର୍ବାଚନ ଏବଂ ୨୬ ତାରିଖରେ ଭୋଟ ଗଣତି ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏନେଇ ଗଞ୍ଜାମ ଏନ୍‌ଏସି ବିଜୁ ଜନତା ଦଳ ପକ୍ଷରୁ କଲେଜ ରୋଡ଼ରେ ଏକ ମିଶ୍ରଣ ପର୍ବ ସାଙ୍ଗକୁ ପୌରାଂଚଳ ନିର୍ବାଚନ ପାଇଁ ପ୍ରାକ ପ୍ରସ୍ତୁତି ବୈଠକ ଗତ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ରାଜନୈତିକ ଦଳରୁ ନେତା ଓ କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ । ବର୍ଷିଆନ କମ୍ୟୁନିଷ୍ଟ ନେତା ହରି ତରାଇ, ଚାଷୀ ସଂଗଠନ ନେତା ବୃନ୍ଦାବନ ସାହୁ, ଟ୍ରାକ୍ଟର ସଙ୍ଘ ଯୁବ ସଂଗଠକ କାର୍ତ୍ତିକ ତରାଇ, ଆଇନଜୀବୀ ପଙ୍କଜ କୁମାର ବାରିକ, ନମ୍ବର ଅରୁଣ ମହାନ୍ତି, ବରିଷ୍ଠ ନାଗରିକ ଟୁନା ମହାପାତ୍ର, ପୂର୍ବତନ କାଉନସିଲର ନିରଞ୍ଜନ ରାଉଳ, ନମ୍ବର ୱାର୍ଡର ସତ୍ୟ ନାରାୟଣ ବେହେରା, ବିଷ୍ଣୁ ଦାଶ ପ୍ରମୁଖ ବିଭିନ୍ନ ୱାର୍ଡର ବହୁ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି । ସମସ୍ତଙ୍କୁ ବିଜେଡି ନେତୃବୃନ୍ଦ ଦଳୀୟ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ । ଏଥିସହ ସେଠାରେ ଏକ ସାଙ୍ଗଠନିକ ବୈଠକ ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ନୀଳାଂଚଳ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷା ଉର୍ମିଳା ପଲାଇ, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡା, ପୂର୍ବତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ପୂର୍ବତନ ଏମ୍‌ପି ପ୍ରତିନିଧି ଗୌରୀ ଶଙ୍କର ବାରିକ, ନଗର ସଭାପତି ପି. ରାଜୁ ରେଡି, ବିଜେଡି ଯୁବନେତା ମନୋଜ ପ୍ରଧାନ, ମହିଳା ସ୍ୱେଚ୍ଛାସେବୀ ସସ୍ମିତା ପାଢ଼ୀ, ମହିଳା ନାରୀ ନେତ୍ରୀ ମୀରାରାଣୀ ପାଢ଼ୀ, ଝିଲି ପାତ୍ର, ସୁଜାତା କୁମାରୀ ମହାନ୍ତି, କାଙ୍ଗାଳୀ ବେହେରା, ସୁଦାମ ଚରଣ ପଲାଇ, ପୁଷ୍ପାଞ୍ଜଳି ଗୌଡ଼, ଯୁବ ସଂଗଠକ ଜିତୁ ପଣ୍ଡା, ସୀମାଂଚଳ ସାହୁ ପ୍ରମୁଖ ଶତାଧିକ ଦଳୀୟ ନେତା କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଜେଡି ନଗରପାଳ ଓ କାଉନସିଲର ଆଶାୟୀମାନଙ୍କୁ ୱାର୍ଡ ସ୍ତରରେ ଆବେଦନ ଫର୍ମ ପ୍ରଦାନ କରାଯାଇଥିଲା । ଆବେଦନ ଫର୍ମ ପୂରଣ କରି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସଙ୍କୁ ପ୍ରଦାନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ଆଗାମୀ ନିର୍ବାଚନରେ ଏକତାର ଭାବନା ନେଇ ଦଳୀୟ ସଂଗଠନକୁ ସୁଦୃଢ଼ କରି ନିର୍ବାଚନ ମଇଦାନରେ ପାର୍ଥୀମାନଙ୍କୁ ବିଜୟୀ କରାଇବାକୁ ମତପ୍ରକାଶ ପାଇଥିଲା ।

# କବୟିତ୍ରୀ ସାବିତ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା



ଖପ୍ରାଖୋଲ, (ନିପ୍ର) : କୋଶଲି ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଧଣ୍ଡାମୁଣ୍ଡା ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ସାବିତ୍ରୀ ସାହୁ ଚଳିତ ବର୍ଷ ଯୁବ ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଛନ୍ତି । କୋଶଳ ରନ୍ ପ୍ରୟାଗଦତ୍ତ ଯୋଶୀଙ୍କ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳନ ଅବସରରେ ପଦ୍ମପୁର ଠାରେ ଶ୍ରୀମତୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଉତ୍ସବରେ ଅତିଥିମାନେ ଶ୍ରୀମତୀ ସାହୁଙ୍କୁ ମାନପତ୍ର ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏଇ ପୁରସ୍କାର ପାଇବା ପରେ ଶ୍ରୀମତୀ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ବାର୍ତ୍ତା ମିଳିଅଛି ।

# ସହଯୋଗ ଫାଉଣ୍ଡେସନ ପକ୍ଷରୁ ‘ଜିନ୍ଦେଗୀ ନା ମିଲେଗି ଦୋବାରା’ କାର୍ଯ୍ୟକ୍ରମ ଅନୁଷ୍ଠିତ




ବଲାଙ୍ଗିର, (ନିପ୍ର) : ଯେତେବେଳେ ଯନ୍ତ୍ରଣାର ମେଘ ଆସେ, ଯେତେବେଳେ ଆଖିରୁ ଲୁହ ଆସେ ଏବଂ ବ୍ୟକ୍ତି ଅନୁତାପର ନିଆଁରେ ଜଳିଯାଏ, ସେତେବେଳେ ଭବିଷ୍ୟତ ଏବଂ ବର୍ତ୍ତମାନର ଚିନ୍ତାରେ ଅନେକ ସମୟରେ ଅସୁବିଧାରେ ପଡେ । ଏହି କାରଣରୁ ଆମର ବର୍ତ୍ତମାନ ମଧ୍ୟ ନଷ୍ଟ ହୋଇଯାଏ । ଏପରି ଲୋକମାନେ ବୁଝିବା ଉଚିତ୍ ଯେ ଜୀବନ ଚାରି ଦିନର ଅଟେ, ଏହାକୁ ଖୋଲାଖୋଲି ଭାବରେ ବଂଚିବା ଉଚିତ୍ । ବଲାଙ୍ଗିରର ସାମାଜିକ ସଂସ୍ଥା ସହଯୋଗ ଫାଉଣ୍ଡେସନ୍ ତରଫରୁ ବଲାଙ୍ଗିର ଜିଲ୍ଲା ଜେଲରେ ଥିବା ଅନ୍ତେବାସୀଙ୍କ ପାଇଁ ଏକ କାର୍ଯ୍ୟକ୍ରମରେ ‘ଜିନ୍ଦେଗୀ ନା ମିଲେଗି ଦୋବାରା’ ଆୟୋଜିତ ହୋଇଯାଇଛି । ସହଯୋଗ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସଭାପତି ଅନୀଲ ମୋଦୀଙ୍କ ନେତୃତ୍ୱରେ ସଂଗଠିତ ଏହି ପ୍ରଶିକ୍ଷଣକୁ ଆର୍ତ୍ତତ୍ରାଣ ପାଢ଼ୀ ପରିଚାଳନା କରିଥିଲେ । ଜିଲ୍ଲା କାରାଗାର ଅଧୀନରେ ଥିବା କଏଦୀମାନେ ଏହି ଜୀବନକୁ କିପରି ବଂଚିବେ ଏବଂ ଭୁଲକୁ ଭୁଲିଯାଇ ଜୀବନରେ ଆଗକୁ ଜଣେ ଭଲ ନାଗରିକ ଭାବରେ ବଂଚିବା ପାଇଁ ତାଲିମ ଦିଆଯାଇଥିଲା ।

ପ୍ରଶିକ୍ଷଣ ପରେ ବନ୍ଦୀମାନଙ୍କ ଭିତରେ ଅନୁତାପର ଲୁହ ଏବଂ ଜୀବନ ପରିବର୍ତ୍ତନକାରୀ ଆଶା ଦେଖାଗଲା ଏବଂ କିଛି ବନ୍ଦୀ ସେମାନଙ୍କ ଅନୁଭୂତି ବାଂଟିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ପୀୟୂଷ ଅଗ୍ରୱାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜେଲ୍ ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ୍, ଜେଲର ସସ୍ମିତା ଅଞ୍ଜନା ଲାକ୍ରା, ରାମାବତାର ଅଗ୍ରୱାଲ, ତ୍ରିଷ୍ଣା ଭଟ୍ଟାଚାର୍ଯ୍ୟ ପଂଚାନନ ପ୍ରଧାନଙ୍କ ବିଶେଷ ସହଯୋଗ ରହିଥିଲା । ସହଯୋଗ ଫାଉଣ୍ଡେସନର ସମ୍ପାଦକ ପିଙ୍କି ମୋଦୀ ଜଣାଇଛନ୍ତି ଯେ, ଏହି ସଂଗଠନ ଆମ୍ବୁଲାନ୍ସ ସେବା, ଅମ୍ଳଜାନ ସେବା, ରକ୍ତ ଦାନ, ଖାଦ୍ୟ ବଂଟନ ଏବଂ ବିଦ୍ୟାଳୟ ଓ କଲେଜରେ ତାଲିମ କାର୍ଯ୍ୟକ୍ରମ ଚାଲିଛି ଏବଂ ତା’ ସଂଗେ ସଂଗେ ବର୍ତ୍ତମାନ ଛୋଟ ଗାଁରେ ଏହି ସମସ୍ତ କାର୍ଯ୍ୟକ୍ରମ ବିସ୍ତାର କରିବାର ନିଷ୍ପତ୍ତି ବିଷୟରେ ଜଣାଇଥିଲେ ।

# ମମିତା ମେହେର ହତ୍ୟା ଘଟଣାର ରିପୋର୍ଟରେ ମମିତାଙ୍କୁ ହତ୍ୟା କରାଯାଇଥିବା କାରଣ ଥିଲା ବ୍ଲାକମେଲ





ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ମମିତା ମେହେର ହତ୍ୟା ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ରାଜ୍ୟ ରାଜନୀତିକୁ ଦୋହଲାଇ ଦେଇଥିଲା । ତେବେ ଏହି ଘଟଣାର ଚାର୍ଜସିଟ୍‌ରେ ବିସ୍ତୃତ ରିପୋର୍ଟ ରହିଥିବା ଜଣାପଡିଛି । ରିପୋର୍ଟରେ ମମିତାଙ୍କୁ ହତ୍ୟା କରାଯାଇଥିବାର କାରଣ ଥିଲା ବ୍ଲାକମେଲ । ସନ୍ ସାଇନ୍ ପବ୍ଲିକ ସ୍କୁଲର ଗୋବିନ୍ଦ ସାହୁ ଜଣେ ରସିକିଆ ଥିଲା । ତାର ଶିକ୍ଷାନୁଷ୍ଠାନରେ ଅନକେ ଛାତ୍ରୀ ଏବଂ କର୍ମଚାରୀଙ୍କ ସହ ସମ୍ପର୍କ ରଖିଥିଲା, ଯାହାର ଫଟୋ, ଭିଡିଓ ଏବଂ ଅଡିଓ କ୍ଲିପକୁ ସ୍କୁଲର ଅଧ୍ୟକ୍ଷା ମମିତା ମେହେର ରଖିଥିଲେ ଏବଂ ଗୋବିନ୍ଦକୁ ତୋର ଅସଲ ମୁଖା ଖୋଲିଦେବି କହି ଚେତାବନୀ ଦେଇଥିଲେ । ତେବେ ଏଇସବୁ ବ୍ଲାକମେଲର ଶିକାର ହୋଇ ଗୋବିନ୍ଦ ସାହୁ ନିଜ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ସହ ମିଶି ପୂର୍ବ ଯୋଜନା ମୁତାବକ ମମିତାଙ୍କ ତଂଟି ଚିପି ପ୍ରଥମେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ମମିତାର ମୃତ ଦେହକୁ ପୋଡି ଦେଇଥିଲେ ବୋଲି ମମିତା ହତ୍ୟା ମାମଲାର ଚାର୍ଜସିଟରେ ଉଲ୍ଲେଖ ରହିଛି । ପୋଲିସ ଏହି ମାମଲାରେ ଶହେରୁ ଅଧିକ ସାକ୍ଷୀ ଏବଂ ପ୍ରମାଣକୁ ନେଇ କୋର୍ଟରେ ଦାଖଲ କରିଥିବା ବେଳେ ମାମଲାର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ବଟକୃଷ୍ଣ ମିଶ୍ର ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରେ ଦାଖଲ କରିଥିବା ଚାର୍ଜସିଟ୍‌ରେ ଫରେନ୍ସିକ, ଟେକ୍ନିକାଲ ଏବଂ ସାଇଂଟିଫିକାଲ ଦିଗରେ ପ୍ରମାଣକୁ ସ୍ଥାପନ କରାଯାଇଛି । ତେବେ ଏଥିରେ ଗୋବିନ୍ଦ ଏବଂ ମମିତାଙ୍କୁ ଜାଣିଥିବା ବ୍ୟକ୍ତି, ସହଯୋଗୀ, ଅଧସ୍ତନ କର୍ମଚାରୀ, କେତେଜଣ ଛାତ୍ରୀ, ପରିବାର ବର୍ଗ, କେଗାଁ ଥାନା ଅଧିକାରୀ, ଚାନ୍ଦୋତରା ଏବଂ ଭବାନୀପାଟଣାର କେତେକେ ଦୋକାନୀ, ବଙ୍ଗାଳୀ ଶ୍ରମିକ, ଶିକ୍ଷକ ଭଳି ଅନେକ ସାକ୍ଷୀ ରହିଛନ୍ତି । ଅନ୍ୟପଟେ ମମିତାଙ୍କୁ ଉଚିତ୍ ନ୍ୟାୟ ମିଳିପାରିବ ତ ବୋଲି ସାରା ଓଡିଶାର ଜନତା ସରକାରଙ୍କୁ ଜବାବ୍ ମାଗୁଥିବା ବେଳେ ମମିତାଙ୍କ ପରିବାର ଲୋକେ ମଧ୍ୟ ନ୍ୟାୟ ଅପେକ୍ଷାରେ ରହିଛନ୍ତି ।

# ‘ଗ୍ଲୋବାଲ ଇଣ୍ଡିଆ ଆଚିଭ୍‌ମେଂଟ୍’ ପୁରସ୍କାରପ୍ରାପ୍ତ ବରିଷ୍ଠ ସାମ୍ବାଦିକ ରବି ରଥ ଓ ଚିକିତ୍ସାବିଦ୍ ଡା. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ସମ୍ବର୍ଦ୍ଧିତ



ବ୍ରହ୍ମପୁର, (ନିପ୍ର) : ନୂଆଦିଲ୍ଲୀରୁ ସମ୍ମାନଜନକ ଗ୍ଲୋବାଲ ଇଣ୍ଡିଆ ଏକ୍ସଲେନ୍ସ ଆଚିଭମେଂଟ ଆୱାର୍ଡ-୨୦୨୧ରେ ସମ୍ମାନିତ ବ୍ରହ୍ମପୁର ମହାନଗରର ଦୁଇ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ବରିଷ୍ଠ ସାମ୍ବାଦିକ ତଥା ‘ନବୀନ’ର ସମ୍ପାଦକ ରବି ରଥ ଓ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡା.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଭଗବତ ଚାରିଟେବଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଆଜି ପୂର୍ବାହ୍ନରେ ସ୍ଥାନୀୟ ବୈକୁଣ୍ଠ ନଗରସ୍ଥିତ ସାଇ ସଦନ କଲ୍ୟାଣ ମଣ୍ଡପ ପରିସରରେ ଟ୍ରଷ୍ଟର ଅଧ୍ୟକ୍ଷ ଏସ୍.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବର୍ଷିୟାନ ଭେଷଜ ବିଶେଷଜ୍ଞ ଡା. ପି.ସି. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ସମ୍ମାନିତ ପ୍ରତିଭାଙ୍କୁ ଉପଢୌକନ, ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ. ଡମ୍ବରୁଧର ସାହୁ ଓ ବର୍ଷିୟାନ ଶିକ୍ଷାବିତ ତଥା କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭଗବତ ଚାରିଟେବଲ ଟ୍ରଷ୍ଟର ଏଭଳି ପ୍ରତିଭା ପୂଜା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରଘୁନାଥ ପ୍ରସାଦ ପାଢ଼ୀ ଶର୍ମା, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପରିବହନ ଅଧିକାରୀ ଇଂ. ଦେବୀ ପ୍ରସାଦ ପାଢ଼ୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଡ. ଗୋପାଳକୃଷ୍ଣ ପାଣିଗ୍ରାହୀ, ସବିତା ସାହୁକର, ସରିତା ପଣ୍ଡା, ସନ୍ତୋଷିନୀ ବେହେରା, ସୁଶାନ୍ତ କୁମାର କର, କପିଳ ଚନ୍ଦ୍ର ମହାନ୍ତି, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ବି. ସତ୍ୟମ୍ ଆଚାରୀ ଭଜନ ଗାନ କରିଥିବା ବେଳେ ଶେଷରେ ସୁଶ୍ରୀ ଇଶାନୀ ପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟର ସମସ୍ତ ସଦସ୍ୟ, ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ ।

# ବଲାଙ୍ଗିର ରୋଟାରୀ ଏଲିଟ ପକ୍ଷରୁ ୫ ଜଣ ଡାକ୍ତର ସମ୍ମାନିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ରୋଟାରୀ ଏଲିଟ ପକ୍ଷରୁ ବଲାଙ୍ଗିରରେ ସାରା ଜୀବନ କାଳ ନିଃସ୍ୱାର୍ଥପର ଭାବରେ ରୋଗୀମାନଙ୍କୁ ସେବା ଯୋଗାଇ ଦେଇ ଆସିଥିବା ବଲାଙ୍ଗିରର ବରିଷ୍ଠ ୫ ଜଣ ଡାକ୍ତରଙ୍କୁ ସମ୍ମାନିତ କରି ସମ୍ବର୍ଦ୍ଧିତ କରାଯାଇଛି ।

ଏଥିପାଇଁ ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ମୁଖ୍ୟ ବକ୍ତା ଭାବେ ପ୍ରଫେସର ମଧୁସୂଦନ ପତି ଯୋଗଦେଇ ବକ୍ତବ୍ୟରେ ଏହି ଡାକ୍ତରମାନେ ତାଙ୍କ ଜୀବନ କାଳରେ ଯେଉଁ ସେବା ଦେଇଛନ୍ତି, ତାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ । ଡାକ୍ତର କୃଷ୍ଣ ପ୍ରସାଦ ବହିଦାର, ଡାକ୍ତର ହାଡିବନ୍ଧୁ ଶତପଥୀ, ଡାକ୍ତର ଜ୍ୟୋସ୍ନାମୟୀ ମହାପାତ୍ର, ଡାକ୍ତର ଏନ୍. ଡି. ଠାକୁର ଓ ଡାକ୍ତର ସରୋଜ କୁମାର ପାଣିଗ୍ରାହୀଙ୍କୁ ପ୍ରଶଂସା ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦାୟୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର୍ ଡା. ଅଶୋକ ସିଂ ମଂଚାସୀନ ଥିଲେ । ସ୍ୱାଗତ ଭାଷଣ ଦେଇଥିଲେ ରୋଟାରୀ ଇଲିଟର ସମ୍ପାଦକ ନୂତନ ନାୟକ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଜିଲ୍ଲା ସଭାପତି ସନ୍ଦୀପ ପାଣିଗ୍ରାହୀ ।

ସଭାରେ ସଂଯୋଜନା କରିଥିଲେ ଧର୍ମେନ୍ଦ୍ର ନନ୍ଦ । ଏହି କାର୍ଯ୍ୟକ୍ରମରେ ରୋଟାରୀ ଏଲିଟର ସଭ୍ୟମାନଙ୍କ ବ୍ୟତୀତ ସହରର ନାଗରିକ, ସାମ୍ବାଦିକ, ମହିଳାମାନେ ଯୋଗାଇଥିଲେ ।

# ନାଗରିକ କମିଟିର କାର୍ଯ୍ୟକାରୀ ବୈଠକ : ମ୍ୟୁନିସିପାଲିଟି ଓ ମେଡିକାଲ ସମସ୍ୟା ଉପରେ ଗୁରୁତ୍ୱ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ କେଏସ୍ଏମ୍ କଲେଜଠାରେ ନାଗରିକ କମିଟିର ଏକ କାର୍ଯ୍ୟକାରୀ ବୈଠକ ସଭାପତି ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମା' ପାଟଣେଶ୍ୱରୀଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଶୁଭାରମ୍ଭ କରାଯାଇଥିଲା । ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଇତି ମଧ୍ୟରେ ଦେହାନ୍ତ ହୋଇଯାଇଥିବା ପ୍ରଖ୍ୟାତ ସଙ୍ଗୀତଜ୍ଞ ଲତା ମଙ୍ଗେଷ୍କର୍ ଓ ବାପ୍ପୀ ଲାହିରି ତଥା ସାମ୍ବାଦିକ ରୋହିତ ବିଶ୍ୱାଳ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସଂପାଦକ ମନୋରଂଜନ ସାହୁଙ୍କ ଦ୍ୱାରା ପଠନ କରାଯାଇଥିବା ବିଗତ ପ୍ରସ୍ତାବଗୁଡ଼ିକୁ ଦୃଢ଼ୀକରଣ କରିବା ପରେ ଇତି ମଧ୍ୟରେ ସମ୍ବଲପୁର ସ୍ଥିତ ରେଲୱେ ଡିଭିଜନର ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସହ ବଲାଙ୍ଗିର ରେଲୱେ ଷ୍ଟେସନର ଉନ୍ନତି ସମ୍ବନ୍ଧରେ ଆଲୋଚନା ଓ ହସ୍‌ପିଟାଲର ଅବ୍ୟବସ୍ଥାର ସମାଧାନ ପାଇଁ ନାଗରିକ କମିଟି ତରଫରୁ ପ୍ରଦାନ କରାଯାଇଥିବା ଦାବୀପତ୍ର ଉପରେ ବିଷଦ ଭାବରେ ଆଲୋଚନା ହୋଇ ଉକ୍ତ ପଦକ୍ଷେପକୁ ଗୃହରେ ପ୍ରଶଂସା କରାଯାଇଥିଲା । ସଦସ୍ୟମାନଙ୍କ ତରଫରୁ ଆଗତ ହୋଇଥିବା ବିଭିନ୍ନ ପ୍ରସ୍ତାବ ମଧ୍ୟରୁ ପୌର ସଂସ୍ଥା ଓ ସ୍ୱାସ୍ଥ୍ୟସେବା ଉପରେ ହୋଇଥିବା ଘୋର ଅବ୍ୟବସ୍ଥା ଉପରେ ପ୍ରତିକ୍ରିୟା ପ୍ରକାଶ ପାଇ ଯଥା ଶୀଘ୍ର ସଂପୃକ୍ତ ଅଧିକାରୀଙ୍କ ସହ ସାକ୍ଷାତ କରି ସମସ୍ୟା ଉପସ୍ଥାପନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା ।

ସେହିପରି ଆସନ୍ତା ୫ ତାରିଖରେ ଏକ କମିଟିର ସାଧାରଣ ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଆଲୋଚନାରେ ଉପସଭାପତି ନିତ୍ୟାନନ୍ଦ ମିଶ୍ର, ପଙ୍କଜିନି ପଣ୍ଡା, ବୃନ୍ଦାବନ ବରାଳ, ଗୋପଭୂଷଣ ନାଥ, ମନୋରଂଜନ ପୁରୋହିତ, ଜୟରାମ ମିଶ୍ର, ଗୋପବନ୍ଧୁ ପୁରୋହିତ, ବିମଳ କୁମାର ଚୋପଦାର, ବ୍ରଜରାଜ ପୁରୋହିତ, ଦିବାକର ହୋତା, ଦେବବ୍ରତ ରଥ ଓ ପର୍ଶୁରାମ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ସହସଂପାଦକ ଚକ୍ରପାଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




# ଜିଲ୍ଲାପାଳଙ୍କ ଦ୍ୱାରା ବଲାଙ୍ଗିର ଜିଲ୍ଲା ଶାସ୍ତ୍ରୀନଗର ସ୍ଥିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ନିର୍ମିତ ଶିଶୁ ଉଦ୍ୟାନ ଉଦ୍‌ଘାଟିତ

ବଲାଙ୍ଗିର, (ନିପ୍ର) : ଚଳିତ ବର୍ଷ ପାଇଁ ଜାତୀୟ ପଲ୍‌ସ୍ ପୋଲିଓ ଅଭିଯାନ ଅବସରରେ ବଲାଙ୍ଗିର ଜିଲ୍ଲା ଶାସ୍ତ୍ରୀନଗର ସ୍ଥିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ନିର୍ମିତ ଶିଶୁ ଉଦ୍ୟାନକୁ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ନେସ୍‌ନାଲ ପିସ୍ ୟୁନିସନ୍ ଆନୁକୂଲ୍ୟରେ ପରିଚାଳିତ ତଥା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଅବସ୍ଥାପିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଶାସ୍ତ୍ରୀନଗର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଡା.ସ୍ନେହଲତା ସାହୁ, ଡିପିଏଚ୍ଓ ଡା. ଡି. କେ ପତି, ଏଡିପିଏଚ୍ଓ ଡା. ସୁଧା ବାର୍ଲା, ଏଡିପିଏଚ୍ଓ. ଭିଏଡି ଡା. କେ. ସି ମହାନ୍ତିଆ, ଷ୍ଟେଟ ମନିଟର ପଲ୍‌ସ ପୋଲିଓ ଚକ୍ର ସାହୁ, ଡିଏମ୍ ଆର୍‌ସିଏଚ୍ ଗୁରୁଦେବ କୁମାର, ଡିପିଏଚ୍‌ସିଓ ରୀତାଞ୍ଜଳି ମିଶ୍ର, ଏପିଏମ୍ ୟୁଏଚ୍ ରାମାନୁଜ ପଣ୍ଡା, ଆର୍‌ଭିସିଆଇଏନ୍ ପିର୍ତର୍ନ ଭୋଇ, କନ୍‌ସଲ୍‌ଟାଂଟ ସଞ୍ଜୟ ସତପଥୀ ଏବଂ ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର, ଶାସ୍ତ୍ରୀନଗରର ନିର୍ଦ୍ଦେଶକ ସତ୍ୟ ରଞ୍ଜନ ମିଶ୍ର, ଚେୟାରମେନ ରବି ରଞ୍ଜନ ପୂଜାରୀ, ମେଡିକାଲ ଅଫିସର ଡା. ଆଶିଷ ବିଶ୍ୱାସ, ଗୌରବ ପ୍ରଧାନ, ଷ୍ଟାଫ ନର୍ସ ମାମି ସିଂଦେଓ, ରୋଜାଲିନ ହୋତା, ନିରୁପମା ପ୍ରଧାନ, ଏଏନ୍ଏମ୍ ସୁଶ୍ରୀ ପିଙ୍କି ସାହୁ, ଖୁସିରାମ ନାଗ, ଯତୀନ ରାଜପୁତ, ରାହୁଲ ପାଲ, ସନ୍ତୋଷ ମେହେର (ଏଲ୍‌ଟି), ବିପିନ ସେଠ ପ୍ରମୁଖ ଯୋଗଦାନ କରି ପ୍ରାୟତଃ ଚାଳିଶ ଜଣ ଉଦ୍ଦିଷ୍ଟ ବୟସ ଶିଶୁଙ୍କୁ ପୋଲିଓ ଦେବାରେ ସହାୟକ ହୋଇଥିଲେ । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ପଲ୍‌ସ୍ ପୋଲିଓ ଏକ ଜାତୀୟ ଅଭିଯାନ ଓ ସରକାର, ପ୍ରଶାସନର ନିରନ୍ତର ଅଭିଯାନ ବୋଲି ମତବ୍ୟକ୍ତ କରିବା ସଙ୍ଗେ ଏହାକୁ କିଭଳି ବ୍ୟାପକ କରାଯାଇ ପ୍ରତ୍ୟେକ ଶିଶୁଙ୍କୁ ଟୀକାକରଣର ଅନ୍ତର୍ଭୁକ୍ତ କରାଯିବାକୁ ଗୁରୁତ୍ୱ ଆରୋପ କରିଥିଲେ । ଏହା ପରେ ଜିଲ୍ଲାପାଳ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଏକ ଛୋଟ ଶିଶୁ ଉଦ୍ୟାନକୁ ଉଦ୍‌ଘାଟନ କରି ଏହାକୁ ଆହୁରି ସୁନ୍ଦର କରାଇବା ସଙ୍ଗେ ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ସକାଶେ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ । ସର୍ବିଶେଷ କାର୍ଯ୍ୟକ୍ରମକୁ ସୁନ୍ଦର ପରିଚାଳନା ପାଇଁ ପିସ୍ ୟୁନିସନ୍ ଚେୟାରମ୍ୟାନ ରବି ରଞ୍ଜନ ପୂଜାରୀ ସଭିଙ୍କୁ ଧନ୍ୟବାଦ ଜଣାଇଥିଲେ ।



Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com